
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଡିସେମ୍ବର ୨୦୧୭
ମୂଲ୍ୟ : ୨୫ ଟଙ୍କା




NEET RESULTS - 2017
THEY TRUST ...WE CONVERT THEIR TRUST into GRAND SUCCESS
JN'S BIOLOGY
sprouting the hidden talent
MEDICAL +2 Sc.(Int.)
Biswaranjan Mark-605 Roll No-907122797
Tabish Mark-598 Roll No-907100778
Arup priyadarshan Mark-584 Roll No-907110729
Anupam Mark-544 Roll No-907106661
Arunodaya Nagar, Cuttack -12, CDA (in Front of the DAV School), Cuttack
Plot No :81, Satya Nagar, Bhubaneswar
Ph.:0671-2324833, 9439799689, 8984849460





**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ନବମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ଝ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-3, December 2017, Issue No. IX
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...

### ପ୍ରବନ୍ଧ


- ମା'ବିରଜା ଏବଂ ମା'ଦୁର୍ଗା ସମନ୍ୱୟର ଏକ ଅନୁଶୀଳନ

  ମାନସ କୁମାର ରାଉତ ୦୭


### ଗଳ୍ପ


- ସୁଖ ବୋଲି ଆମେ ଭାବୁଥାଏ ଯାହା

  ନିଶିକାନ୍ତ ପାଢ଼ୀ ୧୨
- କ୍ଷତ

  ମାଧବାନନ୍ଦ ପାତ୍ର ୧୪
- ଅସହାୟ ବାତ୍ସଲ୍ୟତା

  ସଞ୍ଜୟ ପଣ୍ଡା ୧୭
- ବିବାହ ବେଦୀର ଶପଥ...

  ସାସତୀ ସାମଲ ୧୮
- ବିଡ଼ମ୍ବନା

  କୁନଲତା ତ୍ରିପାଠୀ ୨୧

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................

ଠିକଣା .............................. ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର .............................. ଇ-ମେଲ୍ ..............................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................. ତାରିଖ..............................

ବ୍ୟାଙ୍କ୍.............................. ସ୍ଥାନ..............................

ତାରିଖ.............................. ଦସ୍ତଖତ..............................


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ମା'ବିରଜା ଏବଂ ମା'ଦୁର୍ଗା ସମନ୍ୱୟର ଏକ ଅନୁଶୀଳନ

*- ମାନସ କୁମାର ରାଉତ*

ଭାରତରେ ପ୍ରସିଦ୍ଧ ଲଭିଥିବା ଶକ୍ତିପୀଠ ମଧ୍ୟରେ ଯାଜପୁରର ଅଧିଷ୍ଠାତା ଦେବୀ 'ମା' ବିରଜା ଅନ୍ୟତମ । 'ମା' ବିରଜା ଆଦିଶକ୍ତି, ପୃଥିବୀମାତା, ମାତୃଦେବୀ, ଶକ୍ତି ସ୍ୱରୂପେଣୀ, ଆଦିମାତା, ସୃଷ୍ଟି ଦେବୀ ଆଦି ବିଭିନ୍ନ ନାମରେ ନାମିତ ହୋଇ ପୂଜା ହୋଇ ଆସୁଛନ୍ତି ଆବାହନ କାଳରୁ । ମା'ବିରଜାଙ୍କ ଠାରେ ଘଟିଛି ମାତୃଶକ୍ତି, ତନ୍ତ୍ରଶକ୍ତି, ବୈଷ୍ଣବ ଶକ୍ତି ସହିତ ଶୈବଶକ୍ତି ସହିତ ସମସ୍ତ ଧର୍ମଶକ୍ତିର ସମନ୍ନୟ । ମା ବିରଜା ନାମରେ ସାରା ବିଶ୍ୱରେ ପ୍ରରିଚିତ ହୋଇଥିବା ମା ହେଉଛନ୍ତି ବାସ୍ତବରେ ଶକ୍ତି ଶ୍ୱରେପେଣୀ 'ମା' ଦୁର୍ଗା । 'ମା' ଦୁର୍ଗାଙ୍କର ଏହି କମନୀୟ ମୁର୍ତ୍ତୀ ପୂର୍ବକାଳରୁ ବିକଶିତ ହୋଇ ମା ବିରଜା ନାମରେ ବିଖ୍ୟାତ ଲଭିଛି । ଏକଦା ଶକ୍ତିକ୍ଷେତ୍ରକୁ ତନ୍ତ୍ରକ୍ଷେତ୍ରକୁ ରୂପାନ୍ତରିତ ହୋଇ ନିଜର ଧର୍ମଧାରା ଅବ୍ୟାହତ ରହିଛି ଏହି କ୍ଷେତ୍ରରେ । ଏହି କ୍ଷେତ୍ର ଏବଂ ମା ବିରଜାଙ୍କୁ ନେଇ ବିଭିନ୍ନ ଗ୍ରନ୍ଥମାନଙ୍କରେ ରହିଛି ଅନେକ ଗୂଢ଼ତ ତତ୍ତ୍ୱମୂଳକ ରଚନା । ଯାଜପୁର କ୍ଷେତ୍ରାଧିକାର ଭାବେ ଯୁଗଯୁଗରୁ ଜଗି ବସିଛନ୍ତି 'ମା' ବିରଜା । ଏପରିକି ବୈଦିକ ସାହିତ୍ୟ ଠାରୁ ଆରମ୍ଭ କରି ଏକାଦଶ ଶତାବ୍ଧିରେ ପ୍ରଚଳିତ ବିଭିନ୍ନ ତାମ୍ରଫଳକରେ ବାଖ୍ୟା ହୋଇଛି 'ମା'ଙ୍କ ସମ୍ପର୍କରେ ।

ବୈଦିକ ସାହିତ୍ୟରେ "ମାତଃ ଅସ୍ୟାଃ ପୃଥିବ୍ୟାଃ" ବୋଲି ବର୍ଣ୍ଣନା କରାଯାଇଥିବା ବେଳେ ରାମାୟଣରେ "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି" ବୋଲି ସୂଚିତ ରହିଛି ।

ମହାଭାରତ ପ୍ରସଙ୍ଗରେ ଧର୍ମଦେବ ସମସ୍ତ ଦେବତାଙ୍କୁ ସନ୍ତୁଷ୍ଟ କିରବା ପାଇଁ ଆହୁତ କରିଥିବା ଯଜ୍ଞର ମୁଖ୍ୟ ଆଚାର୍ଯ୍ୟ କଶ୍ୟପ ମୁନିଙ୍କୁ ପୃଥିବୀଦେବୀଙ୍କୁ ଦାନ ଦେବାକୁ ଇଚ୍ଛା କରିବାରୁ ଦେବୀ କ୍ରୋଧାନିତ ହେବା ପରେ ଧର୍ମଦ ଏବଂ କାଶପ୍ୟ ମୁନି "ମା'ଙ୍କୁ ପାର୍ଥନା କରି ସନ୍ତୁଷ୍ଟ କରିଥିଲେ । ପରେ 'ମା' ଏକ ବେଦିକା ରୂପରେ ପ୍ରକଷିତ ହୋଇଥିଲେ । ଯାହାକୁ ମହାବେଦୀ କୁହାଯାଏ । ଏହାଭିତରୁ ମା ବିରଜା ସ୍ୱଂୟ ପ୍ରକଷିତ ହୋଇ ଧର୍ମଦ ଏବଂ ଆଚାର୍ଯ୍ୟଙ୍କୁ ଆର୍ଶୀବାଦ ପ୍ରଦାନ କରିଥିବା ମହାଭାରତ ଉଲ୍ଲେଖ କରିଛି । ପୁନଃଶ୍ଚ ମହାଭାରତ ବର୍ଣ୍ଣନା କରିଛି ।

'ତ ତୋ ବୈତରଣୀ ଗଚ୍ଛେତ ସର୍ବପାପ ପ୍ରମୋଚନାସ


ବିରଜାଃ ତୀର୍ଥଦାସଦ୍ୟ ବିରାଜତେ ଯଥା ଶଶଂ'

ମହାଭାରତ ଏହି ବର୍ଣ୍ଣନା ଅନୁସାରେ ପବିତ୍ରନଦୀ ବୈତରଣୀ ଓ ବିରଜାରୂପେ ବିଦିତାହେଲେ । ଯାହାକୁ ବିରଜାତୀର୍ଥ ବୋଲି ବର୍ଣ୍ଣନା କରିଛି । କିନ୍ତୁ 'ମା' ବିରଜାଙ୍କ ସମ୍ପର୍କରେ ଅଧିକ ବିଶେଷ କିଛି ବର୍ଣ୍ଣନା କରିନାହିଁ । ବିରଜାଙ୍କ ଆର୍ବିଭାବ ହେତୁ ତାହା ପବିତ୍ର ପିତୃତୀର୍ଥ ଭାବରେ ମଧ ପରିଚିତ ହୋଇପାରିଛି । ଲୋମଶ ଋଷି ପାଣ୍ଡବମାନଙ୍କୁ ସ୍ଥାନ ଚିହ୍ନଟ କଲାବେଳେ ଏହି ସ୍ଥାନର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ପ୍ରାଗବୈଦିକ ଯୁଗରେ ଅର୍ଥାତ ଭାରତରେ ପ୍ରଥମ ସଭ୍ୟତା ସିନ୍ଧୁ ନଦୀର ଉପତ୍ୟାକାରେ ଅବସ୍ଥିତ ହରପାପା, ମହେଞ୍ଜୋଦାରୋ ସ୍ଥାନର ଉତଖନନରୁ ଉଦ୍ଭବିତ ହୋଇଥିବା ମୃଣ୍ମୟୀମୂର୍ତ୍ତୀ ସେ ସମୟରେ ଶକ୍ତିଚେତନାର ପ୍ରଚଳିତ ଥିବାର ପ୍ରମାଣ କରୁଛି । ସେଠାରୁ ଉଦ୍ଧୃତ କେତକ ସିଲ୍‌ରେ ନାରୀମୂର୍ତ୍ତୀ ସହିତ ଯୋନି ରହିଥିବାରୁ ତାକୁ ଗବେଷକ ମାନେ ପୃଥିବୀମାତା ବୋଲି ଦାବି କରୁଛନ୍ତି । ବିରଜାଙ୍କ ମସ୍ତିଷ୍କରେ ଯୋନି ରହିଥିବାରୁ ତାଙ୍କୁ ସୃଷ୍ଟିଦେବୀ ବା ପୃଥିବୀମାତା ସର୍ବପ୍ରାଚୀନ ମୂର୍ତ୍ତୀବୋଲି ଐତିହାସିକମାନେ ମତ ଦେଇଛନ୍ତି । ବୈଦିକ ଯୁଗରେ ପୃଥିବୀମାତା ସର୍ବଶକ୍ତି ଦାୟିନୀ ମାତୃଶକ୍ତିକୁ ରୂପାନ୍ତରିତ ହୋଇଥିଲେ । ଋଗବେଦରେ ବର୍ଣ୍ଣନା ଅନୁସାରେ (ଦଶମ ମଣ୍ଡଳ ୧୨୫ତମ ସୁକ୍ତରେ) ଅମୃତାଋଷିଙ୍କ କନ୍ୟା ବା ନିଜକୁ "ଆହଂ ରୁଦେବିଃ ବସୁଭିଷ୍ଟରାମି" କରି ବିଶ୍ୱବ୍ରହ୍ମାଣ୍ଡର ନିୟନ୍ତ୍ରିକା ଶକ୍ତି ରୂପରେ ସୂଚିତ କରିଅଛି । ଏହି ତତ୍ତ୍ୱଗୁଡ଼ିକୁ ଅନୁଧ୍ୟାନ କଲେ ତାହା ବିରଜା ପରିକଳ୍ପିତ ବୋଲି ମନେହୁଏ । ଯୁର୍ଦ୍ଦୁବେଦ ମଧ "ଉପହୃତା ପୃଥିବୀ ମାତୋପଂମା ପୃଥିବୀମାତା ହରତାମ" ବୋଲି ବର୍ଣ୍ଣନା କରିଛି । ଏପରିକି ମୀମାଂସା ଦର୍ଶନର ଜୈମିନୀଙ୍କ ମତରେ ଦେବତାହିଁ ମନ୍ତ୍ରମୟୀ । ଗ୍ରୀକମାନେ ମଧ ସର୍ବପ୍ରଥମେ ବହୁଠାରେ ମୂର୍ତ୍ତୀପୂଜାର ପ୍ରଚଳନ କରିଥିଲେ । ଆଦିମାନବୀୟ ସଭ୍ୟତାରେ ମା ବିରଜାଙ୍କୁ ତାଙ୍କର ଆରାଧଦେବୀ ସ୍ତମ୍ଭେଶ୍ୱରୀଙ୍କ ସହିତ ତୁଳନା କରାଯାଇଛି । ସ୍ତମ୍ଭେଶ୍ୱରୀ ଉପାସନା ଓଡ଼ିଶାର ଶକ୍ତି ଉପାସନାର ମୌଳିକ ଉତ୍ସ । ପୁରାଭିଲେଖା ପ୍ରମାଣରୁ ଜ୍ଞାତ ହୁଏଯେ ପୂର୍ବେ ଶୁଳ୍କୀ, ଭଞ୍ଜ ଓ ରାଷ୍ଟ୍ରକୂଟ ଆଦି ରାଜାମାନେ ସ୍ତମ୍ଭେଶ୍ୱରୀଙ୍କ ଉପାସକ ଥିଲେ । କଳାହାଣ୍ଡିର ରାଜା ତୃଷ୍ଟିକର ନିଜକୁ ସ୍ତମ୍ଭେଶ୍ୱରୀଙ୍କ ପାଦଭକ୍ତ ବୋଲି ପରିଚିତ କରାଇଥିବାର ତାଙ୍କଦ୍ୱାରା ପ୍ରଦତ୍ତ ଜାରି


# AK PHYSICS

Apprise Education, Reprise Innovation



+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER

SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

କରାଯାଇଥିବା ତ୍ରମଶାସନରୁ ଜଣାଯାଏ । ବଲାଙ୍ଗୀର, ସୋନପୁର ସହିତ ପଶ୍ଚିମଓଡ଼ିଶା ସ୍ତମ୍ଭେଶ୍ୱରୀ ପୂଜାର ପ୍ରଚଳିକା ପ୍ରାକ କାଳରେ ଏହି ସ୍ତମ୍ଭେଶ୍ୱରୀ ଉପାସନାରୁ ବିରାଜାଙ୍କ ମାନୁଷୀ ମୂର୍ତ୍ତିର ପରିକଳ୍ପନା କରାଯାଇଛି ବୋଲି ପୁରାତତ୍ତ୍ୱବିତ ଗବେଷକ ମାନେ ମତ ଦେଇଛନ୍ତି । ସ୍ତମ୍ଭେଶ୍ୱରୀ ପୂଜାର ସ୍ମାରକୀଭାବେ ବିରଜାଙ୍କ ରୌପଦଣ୍ଡ ଏହି ସମ୍ଭାବନାକୁ ଦୃଢ଼ୀଭୂତ କରେ । ଶାରଦୀୟ ଦୁର୍ଗାଉତ୍ସବ ସମୟରେ ଏହି ରୌପଦଣ୍ଡ ସ୍ୱତନ୍ତ୍ରମନ୍ଦରେ ପୂଜା ହୋଇଥାଏ । ପୂର୍ବରୁ ଦୁଲାଲ ସମ୍ପ୍ରଦାୟ ଦ୍ୱାରା ସ୍ତମ୍ଭେଶ୍ୱର ଖମ୍ବକୁ ଅଶ୍ୱିନମାସରେ ବନଦୁର୍ଗା ଭାବେ ପୂଜା କରାଯାଉଥିଲା । ଏହି ବନଦୁର୍ଗା ପୂଜାପଦ୍ଧତି ବିରଜାଙ୍କ ପାଖରେ ପୂଜାର୍ଚ୍ଚନା ହେବା ସହିତ ଓଡ଼ିଶାର ଅନ୍ୟ ପୀଠଗୁଡ଼ିକରୁ ପ୍ରସାରିତ ହୋଇଅଛି । ସ୍ତମ୍ଭେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରୁଥିବା ରାଜାମାନେ ଯାଜପୁରର ଭୌମକର ରାଜାମାନଙ୍କ ସାମନ୍ତରାଜା ରୂପେ କାର୍ଯ୍ୟକରୁଥିଲେ । ଯାହା ଫଳରେ ବିରଜା ଏବଂ ସ୍ତମ୍ଭେଶ୍ୱରୀଙ୍କ ମଧରେ ସମନ୍ୱୟ ରହିଯାଇଥିବା ଅନୁମେୟ ।

ଅନ୍ୟକେତକଙ୍କ ମତରେ ଅଣଆର୍ଯ୍ୟ ଗୋଷ୍ଠୀ ପୁଳିନ୍ଦଙ୍କ ଆରାଧ୍ୟାଦେବୀ ବିନ୍ଧ୍ୟବାସିନୀଙ୍କ ଅନୁରୂପ ମା ବିରଜା । ପୂର୍ବରୁ ଶବର ଜାତିର ଏହି ପଳିନ୍ଦମାନେ ବିନ୍ଧ୍ୟାବାସିନୀଙ୍କୁ ଗିରିବନନଦୀ ତଟ ଦେଶରେ ପୂଜା କରୁଥିଲେ । ଶାରଦା ତିଳକରେ ବିନ୍ଧ୍ୟାବାସିନୀଙ୍କୁ ପୁଳିନ୍ଦ କନ୍ୟାଭାବେ ବର୍ଣ୍ଣନା କରିଯାଇଛି । ବାକ୍ ପତିରାଜଙ୍କ ଗୌଡବହି ଗ୍ରନ୍ଥରେ ରାଜା ଯଶୋଧର୍ମା ବିନ୍ଧ୍ୟପର୍ବତରେ ବିନ୍ଧ୍ୟବାସିନୀଙ୍କୁ ପୂଜାର୍ଚ୍ଚନା କରିଥିବା ବର୍ଣ୍ଣନା ରହିଛି । ସେହିପରି କଥାସରିତ ସାଗରରେ ଶବର, ପୁଳିନ୍ଦ ଓ ଭୀଲ ପ୍ରଭୃତି ବନ୍ୟଜାତି ବିନ୍ଧ୍ୟାବାସିନୀ ଦୁର୍ଗାଙ୍କୁ ପୂଜାକରୁଥିଲେ । ଏସବୁ ତତ୍ତ୍ୱ ଆଧାରକୁ ଅଧ୍ୟୟନ କଲେ ଦୁର୍ଗାହିଁ ଆର୍ଯ୍ୟ ଏବଂ ଅନାର୍ଯ୍ୟଙ୍କ ମୁଖ୍ୟ ଉପାସକ ଥିଲେ ବୋଲି ସ୍ପଷ୍ଟ ହେଉଛି । ଓଡ଼ିଶାର ପୂର୍ବୋତ୍ତର ଅଞ୍ଚଳରେ ଯଥା-କେନ୍ଦୁଝର, ମୟୁରଭଞ୍ଜ ଆଦି ଅଞ୍ଚଳରେ ବିନ୍ଧ୍ୟାଟବୀ ନାମକ ସ୍ଥାନରେ ନାଗବଂଶୀୟ ରାଜମାନେ ରାଜୁତି କରୁଥିଲେ । ମହର୍ଷି ଅଗସ୍ତିଙ୍କ ପତ୍ନୀ ଲୋପାମୁଦ୍ରା କାଳକ୍ରମେ ବିନ୍ଧ୍ୟାମସିନୀ ନାମକୁ ରୂପାନ୍ତରିତ ହୋଇ ଆରାଧିତ ହେଉଥିବାର ଦେବୀଭାଗବତ ବର୍ଣ୍ଣନା କରିଅଛି । ଫଳତଃ ବୈଦିକ ଯୁଗର ପରବର୍ତ୍ତୀ କାଳରେ ବୈତରଣୀ ତଟରେ ଯେଉଁ ଶକ୍ତିଚେତନାର ଅଭ୍ୟୁଦୟ ଘଟିଥିଲା ତାହା ବିରଜା ନାମରେ ଖ୍ୟାତି ଅର୍ଜନ କରିଥିଲା ।

ମତ୍ସପୁରାଣରେ କୁହାଯାଇଛି ଯେ ଆଜ୍ୟପା ପିତୃଗଣଙ୍କମ ମାନସୀ କନ୍ୟା ବିରଜା ଗୋଲକଧାମହିଁ ଏକାଷ୍ଟକା ଅଟନ୍ତି । ଏକଷ୍ଟକା ହେଉଛି ବିରାଜାଙ୍କ ଦ୍ୱିଭୂଜା ଦେବୀ ଯାହାକି ବୃହତ ସଂହିତାରେ ବର୍ଣ୍ଣନା କରାଯାଇଅଛି । ଏହି ଏକଷ୍ଟକା ଦେବୀ ପାର୍ବତୀଙ୍କ ଅଂଶ ହୋଇଥିବାର ବେଳେ ତାଙ୍କୁ ତାନ୍ତ୍ରିକଦେବୀ ବୋଲି ବର୍ଣ୍ଣନା କରାଯାଇଛି । ସ୍କନ୍ଦପୁରାଣରେ ଏକନଂଶାଙ୍କୁ ପାର୍ବତୀଙ୍କ ଅଂଶଭୂତ ତାନ୍ତ୍ରିକଦେବୀ ବୋଲି କୁହାଯାଇଛି । ପଦ୍ମପୁରାଣରେ ଏକନାଂଶ ଦେବୀ ବ୍ରହ୍ମାଙ୍କ ଆଦେଶରେ ବିନ୍ଧ୍ୟାପର୍ବତରେ ଅବସ୍ଥାନ କରିଥିବା ପ୍ରକାଶ କରିଅଛି ।

ସେହିପରି ବୈଷ୍ଣବ ପରମ୍ପରାରେ ବିରଜାଙ୍କୁ ସୁଭଦ୍ରାଙ୍କ ସହିତ ତୁଳନା କରାଯାଇଛି । ଧାର୍ମିକ ବିବାଦର ସମାଧାନ କରିବା ପାଇଁ ପୁରୁଷୋତ୍ତମ ଦେବ ତିନି ମୁଖ୍ୟ ଧର୍ମଧାରାର କେନ୍ଦ୍ରବିନ୍ଦୁ ଜଗନ୍ନାଥ,

ଲିଙ୍ଗରାଜ ଓ ବିରଜାଙ୍କୁ ସମ୍ମିଳିତ କରି ପୁରୀରେ ତ୍ରୀମୂର୍ତ୍ତୀ ସ୍ଥାପନା କରାଇଥିବା ପ୍ରକାଶ କରିଛନ୍ତି । ମ୍ୟାକସମୁଲାରଙ୍କ ମତରେ ବୈଦିକ ଯୁଗରେ ବହୁପରେ ମୂର୍ତ୍ତୀପୂଜା ପ୍ରଚଳିତ ହୋଇଛି । ସେହି ଶକ୍ତି ବିବର୍ତ୍ତନ ମଧ୍ୟରେ ରୂପାନ୍ତରିତ ହୋଇ ପ୍ରଥମେ ବିରଜା ନାମରେ ମାନୁଷୀମୂର୍ତ୍ତୀ ରୂପେ ଆରାଧିତ ହୋଇଛନ୍ତି । ଭାରତ ବର୍ଷରେ ମା ଦୁର୍ଗାଙ୍କର ଯେଉଁ ମୂର୍ତ୍ତୀର ବିକାଶ ଲାଭ କରିଛି ସେଥିମଧ୍ୟରୁ ଦୁଇଭୂଜା ଦୁର୍ଗା ସର୍ବ ପ୍ରାଚୀନତମା ଅଟନ୍ତି ।

ମୂର୍ତ୍ତୀକଳାତତ୍ତ୍ୱ ଦୃଷ୍ଟିରୁ ବିରଜାଙ୍କ ପ୍ରତିମା ୩ଫୁଟ ଉଚ୍ଚର ହୋଇଥିବା ବେଳେ ତାହା କଳାମୁଗୁନି ପଥରରେ ନିର୍ମିତ । ତାଙ୍କର ଦୁଇହସ୍ତ । ବାମହସ୍ତରେ ମହିଷର ଲାଙ୍ଗୁଡକୁ ଟାଣି ଧରିଥିବାର ବେଳେ ଦକ୍ଷିଣହସ୍ତରେ ମହିଷର ବକ୍ଷଦେଶକୁ ଶୂଳବିଦ୍ଧ କରିଛନ୍ତି । ମା'ମହିଷର ଉପରେ ତ୍ରୀଭାଙ୍ଗୀ ଶୈଳୀରେ ଦଣ୍ଡାୟମାନ ହୋଇଛନ୍ତି । ଏହି ମୂର୍ତ୍ତୀରେ ମା'ଙ୍କ ବାହାନ ଅନୁପସ୍ଥିତ ରହିଛି । ମା'ଙ୍କ ମସ୍ତକରେ କିରିଟମୁକୁଟ, ରତ୍ନହାର, କଟିସୂତ ଓ କଙ୍କଣ ପରିଧାନ କରିଛନ୍ତି । ମସ୍ତକ ଚୁଡାରେ ଗଣପତି, ବାସୁକିନାଗ, ଯୋନି, ଲିଙ୍ଗ ଓ ଚନ୍ଦ୍ର ଶୋଭାବର୍ଦ୍ଧନ କରୁଛନ୍ତି । ଏହି ପଞ୍ଚ ସୂତ୍ର ଅବସ୍ଥାନର ଏକ ସ୍ୱତନ୍ତ୍ର ତତ୍ତ୍ୱ ରହିଛି । ଯାହାକୁ ନେଇ ଉପରୋକ୍ତ ବର୍ଣ୍ଣନାରେ ବିଭିନ୍ନ ପୀଠରେ ଉପାସିତ ଦେବାଦେବୀଙ୍କ ସହିତ ତୁଳନୀୟ କରାଯାଇଛି । ଏହି ମୂର୍ତ୍ତୀଟି ଗୁପ୍ତସମୟରେ ପରିସ୍ଫୁଟ ହୋଇଥିବା ମୂର୍ତ୍ତୀକଳା ସୂଚିତ କରୁଛି ।

ମା'ବିରଜାଙ୍କ ବିଷୟରେ ବହୁ ଗ୍ରନ୍ଥ, ପୁରାଣ ବର୍ଣ୍ଣିତ କରାଇଥିବାରୁ ମା'ଙ୍କୁ ନାନାଦି ରୂପରେ ପୂଜିତ କରାଯାଇଥାଏ । ଦୁର୍ଗୋତ୍ସବ ସମୟରେ ମା'ଙ୍କୁ ମାହେଶ୍ୱରୀ ଦୁର୍ଗାରୂପେ ବନଦୁର୍ଗା ମନ୍ତ୍ରରେ ପୂଜା କରାଯାଇଥାଏ । ମାଘ ମାସରେ ବ୍ରାହ୍ମଣ ବା ସାବିତ୍ରୀ, ବ୍ରହ୍ମପୁରାଣରେ ବ୍ରହ୍ମାଣୀ, ଅଜ୍ୟପା ପିତୃଗଣଙ୍କ ମାନସକନ୍ୟା ତଥା ଯଯାତିଙ୍କ ଜନନୀ, ବ୍ରହ୍ମବୈବ ପୁରାଣରେ ଶ୍ରୀକୃଷ୍ଣଙ୍କ ସଖୀ, କର୍ମ ପୁରାଣରେ ବିରଜାନଦୀ, ମସ୍ତପୁରାଣରେ ବ୍ରହ୍ମଲୋକର ଏକାକଷ୍ଟା ଦେବୀ ବିନ୍ଧ୍ୟାବାସିନୀ ଆଦି ରୂପରେ ପୂଜା କରାଯାଇଥାଏ ।

ମୂର୍ତ୍ତୀତତ୍ତ୍ୱରେ ମା'ବିରଜାଙ୍କ ଦୁର୍ଗାଙ୍କର ଦୁଇଭୂଜା ବିଶିଷ୍ଟ ମୂର୍ତ୍ତୀହୋଇଥିବା ବେଳେ ତାହା ଗୁପ୍ତ କାଳରୁ ନିର୍ମିତ ହୋଇଅଛି । ଏହି ବିଷୟରେ ଉପରେ ଆଲୋକପାତ କରାଯାଇଛି । ମୂର୍ତ୍ତୀଟି ମହିଷାମର୍ଦ୍ଦିନଙ୍କର ଏଠାରେ ତାଙ୍କ ବାହାନ ସିଂହ ଅନୁପସ୍ଥିତ ରହିଛି । କିନ୍ତୁ ବିରଜାକ୍ଷେତ୍ର ମହିମା ବିରଜାଙ୍କ ମୂର୍ତ୍ତୀରେ ସିଂହର ଉପସ୍ଥିତି ରହିଥିବା ଉଲ୍ଲେଖ କରାଯାଇଛି । ଏହି ବିରଜାକ୍ଷେତ୍ର ମହିମା ପ୍ରାୟ ଷୋଡଶ ଶତାବ୍ଦୀରେ ରଚନା କରାଯାଇଛି । ଯେଉଁସମୟରେ ଏହି ମହାତ୍ମ୍ ରଚିତ ହୋଇଅଛି ସେହି ସମୟରେ ମୁସଲମାନ ଶାସକଙ୍କ ଦ୍ୱାରା ବିରଜାଙ୍କ ମନ୍ଦିର ଏବଂ 'ମା'ଙ୍କ ମୂର୍ତ୍ତୀ ଧ୍ୱଂସ ପ୍ରାପ୍ତ ହୋଇଥିଲା । ସମ୍ଭବତଃ ମୂର୍ତ୍ତୀ ନଥିବାରୁ ଏହି ମହାତ୍ମ୍ୟରେ ବାହନ ସହ ରହିଥିବା କଥାକୁ ଉଲ୍ଲେଖ କରାଯାଇଛି । ଏହି ଦୁଇଭୂଜା ବିଶିଷ୍ଟ ମୂର୍ତ୍ତୀଟିକୁ ଖ୍ରୀଷ୍ଟାବ୍ଦ ୮ମ ଶତାବ୍ଦୀ ପ୍ରର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଇଥିଲା । ପରେ ୧୧ଶହ ଶତାବ୍ଦୀରୁ ୧୬ଶହ ଶତାବ୍ଦୀ ପର୍ଯ୍ୟନ୍ତ ଯାଜପୁର ଉପରେ ମୁସଲମାନମାନଙ୍କ ଘନଘନ ଆକ୍ରମଣରେ ମନ୍ଦିର ସମେତ ମା ବିରଜାଙ୍କ ମୂର୍ତ୍ତୀଧ୍ୱଂସ ହୋଇଥିଲା । ଷୋଡଶ ଶତାବ୍ଦୀର ଶେଷ ପ୍ରର୍ଯ୍ୟାୟରେ ଓଡ଼ିଶାରେ ସ୍ୱାଧୀନ ରାଜାଙ୍କ ଶାସନ ଲୋପପାଇବା ପରେ

ଆଫଗାନ ଶାସକମାନଙ୍କ କବଳିତ ହୋଇଥିଲା । ଆଫଗାନ ଶାସକମାନେ ମନ୍ଦିର ଭାଙ୍ଗି ଚୁରୁମାର କରିବା ସହିତ ମୂର୍ତ୍ତିଟିକୁ ଭାଙ୍ଗିଦେବା ସହିତ ଏକ କୂପ ମଧରେ ନିକ୍ଷେପିତ କରିଥିଲେ । ପରେ ଇଂରେଜ ଶାସନ କାଳରେ ଯାଜପୁରର ଜମିଦାର ଚୌଦୁରୀ ସୁଦର୍ଶନ ମହାପାତ୍ର ସ୍ୱପ୍ନାଦେଶ ପାଇଁ ବିରଜାଙ୍କ ଭଗ୍ନମୂର୍ତ୍ତୀକୁ କୂପ ମଧରୁ ଉଦ୍ଧାର କରି ୮ଗୋଟି ତମ୍ବା କ୍ଲାମ୍ପ୍ ଦ୍ୱାରା ଯୋଡାଇଥିଲେ । ଅଧିକନ୍ତୁ ପୁରୁଣାମୂର୍ତ୍ତୀ ପ୍ରାପ୍ତ ହେବା ବେଳକୁ ଏକ ନୂତନମୂର୍ତ୍ତୀ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇସାରିଥିଲା । ଯାହା ଫଳରେ ପୁରୁଣା ମୂର୍ତ୍ତୀକୁ ଦକ୍ଷିର ପାର୍ଶ୍ୱରେ ଏବଂ ନୂତନ ମୂର୍ତ୍ତିଟିକୁ ପଶ୍ଚାତ ଭାଗବରେ ରଖି ପୂଜାର୍ଚ୍ଚନା କରାଯିବାର ସୁବ୍ୟବସ୍ଥା କରାଗଲା । ୨୦୦୪ ମସିହା ବେଳକୁ ପୁରୁଣା ମୂର୍ତ୍ତୀକୁ ବଦଳାଇ ନୂତନ ମୂର୍ତ୍ତୀକୁ ସମ୍ମୁଖକୁ ଆଣିବାକୁ ପ୍ରଚେଷ୍ଟା କରାଯିବା ପରେ ଭକ୍ତ ଏବଂ ଜନସାଧାରଣଙ୍କ ବିରୋଧ ହେତୁ ପୂର୍ବରୁ ପୂଜା ପାଉଥିବା ଦୁଇଟି ମୂର୍ତ୍ତୀ ସହିତ ଅନ୍ୟ ଏକ ନୂତନ ମୂର୍ତ୍ତୀକୁ ଅଦ୍ୟବିଧି ପୂଜାର୍ଚ୍ଚନା କରାଯାଉଛି ।

ଯାହା ହେଉ ମା ବିରଜା ଏବଂ ଶକ୍ତି ସ୍ୱରୂପେଣୀ 'ମା'ଦୁର୍ଗା ଏକ ଏବଂ ଅଦ୍ୱିତୀୟ । ଶକ୍ତି ଉପାସନାର ଆୟରାମ୍ଭ ସହିତ ଶକ୍ତିଚେତନା ଏବଂ ଧର୍ମର ସୁରକ୍ଷା ପାଇଁ ପୁରାଣରେ ମା ବିରଜାଙ୍କୁ ବିଭିନ୍ନ ନାମରେ ଆଲୋଚନା କରାଯାଇଛି । ଏପରିକି ରାଜରାଜୁଡା ସମୟରେ ସାମାଜିକ ନ୍ୟାୟ, ରାଜନୈତିକ ସମାନତା ରକ୍ଷା, କରିବାକୁ ରାଜାମହାରାଜା ମାନେ ମଧ ବିରଜାଙ୍କୁ ଅନ୍ୟ ଦେବାଦେବୀଙ୍କ ଉପାସନା ସହିତ ଜଡିତ କରିଛନ୍ତି । ଅବଶ୍ୟ ପରବର୍ତ୍ତୀ ସମୟରେ ମା'ଦୁର୍ଗାଙ୍କର ବହୁ ଭୂଜା ମୂର୍ତ୍ତୀମାନ ନିର୍ମାଣ କରାଯାଇଛି । ମାତ୍ର ପୂର୍ବରୁ ପୂଜିତ ଏହି ଦୁଇଭୁଜା ବିଶିଷ୍ଟ କମନୀୟ ମୂର୍ତ୍ତୀ ଶକ୍ତଶକ୍ତିର ବାର୍ତ୍ତାବହ ଭାବରେ ଓଡ଼ିଶା ସମେତ ଭାରତ ବର୍ଷରେ ଜନସାଧାରଣଙ୍କ ମଧରେ ଅଦ୍ଭୁତ ଲଭିଛି । ଯେଉଁ କାରଣରୁ ଯାଜପୁରକୁ ଏକ ସ୍ୱତନ୍ତ୍ର ଶକ୍ତିକ୍ଷେତ୍ରରେ ସାରା ବିଶ୍ୱରେ ପରିଚିତ କରି ରଖିଛି । ନିଜର ସ୍ୱତନ୍ତ୍ରତା ଶକ୍ତିଧର୍ମଧାର ପାଇଁ ଏକ ଧର୍ମୀୟ ବିଶ୍ୱାସ ଚିରଦିନ ପାଇଁ ଉଜ୍ଜିବିତ କରି ରଖିପାରିଛି ।

ଗବେଷକ ରେଭେନ୍ସା ବିଶ୍ୱବିଦ୍ୟାଳୟ
ଇତିହାସ ବିଭାଗ,
କଦଳା, ହରିଦାସପୁର, ଧର୍ମଶାଳା,
ଯାଜପୁର
ମୋ - ୯୮୫୩୯୭୬୯୧୯

୦୦୦

# ସୁଖ ବୋଲି ଆମେ ଭାବୁଥାଏ ଯାହା

*- ନିଶିକାନ୍ତ ପାଢ଼ୀ*

(ଜୀବନଟିଏ ଜିଇଁ ମରିବା ପାଇଁ ପୃଥିବୀର ପ୍ରକୃତି ଆମକୁ ସବୁକିଛି ଦେଇଛି । କିଛିଟାର ଅଭାବ ଘଟିଲେ ତାକୁ ଆମେ କୋଟି କୋଟି ଟଙ୍କା ଖର୍ଚ୍ଚ କରି କିଣିପାରିବା ନାହିଁ କି ଆମକୁ କେହି ଦେଇପାରିବେ ନାହିଁ । ଜଳ, ପବନ, ସୂର୍ଯ୍ୟକିରଣ ଏ ସବୁକୁ ଟଙ୍କା ସୁନା ଦେଇ କ୍ରୟ କରିହେବ ନାହିଁ । ତଥାପି ଏ ସବୁର ଗୁରୁତ୍ୱ ଉପରେ ଆମେ ନଜର ପକାଉନା ।)

ଦିନେ ଗ୍ରୀକ୍ ବୀର ଆଲେକଜାଣ୍ଡାର ବିଶ୍ୱ ବିଜୟ ଅଭୀପ୍‌ସା ନେଇ ଭାରତବର୍ଷରେ ଭ୍ରମଣ କରୁ କରୁ ପ୍ରାତଃକାଳରେ ଜଣେ ଧ୍ୟାନସ୍ଥ ସାଧୁଙ୍କୁ ଭେଟିଥିଲେ । ଲମ୍ବ ଜଟାଜୁଟଧାରୀ ଗୈରିକ ପରିହିତ ସାଧୁଙ୍କୁ ଦେଖି ଗ୍ରୀକ୍ ବୀରଙ୍କର ଖୁବ୍ ଦୟା ହେଲା । ମନେହେଲା ଦାରିଦ୍ର୍ୟରେ ନିଷ୍ପେସିତ ଭାରତୀୟଟିଏ ଦୁଃଖ ଓ ଯନ୍ତ୍ରଣାରେ ଅତିଷ୍ଠ ହୋଇ ଏ ଜଙ୍ଗଲରେ ବସିଛି । ଆଲେକ୍‌ଜାଣ୍ଡାର ପଚାରିଲେ, 'ମାନବ! ମୁଁ ବିଶ୍ୱ ବିଜୟୀ ବୀର ଆଲେକ୍‌ଜାଣ୍ଡାର ତୁମ ଆଗରେ ଦଣ୍ଡାୟମାନ । କ'ଣ ତୁମର ଅଭାବ, କ'ଣ ତୁମର ଦୁଃଖ, ଏପରି ବେଶଭୂଷା ନେଇ ନିକାଞ୍ଚନ ଜାଗାରେ ଆଖିବୁଜି ବସିବା ଅପେକ୍ଷା ମୋ ଠାରୁ କିଛି ଧନ ଗ୍ରହଣ କରି ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିପାର ।' ସାମାନ୍ୟ ଚକ୍ଷୁ ଖୋଲି ତପସ୍ୱୀ ଉତ୍ତର ହେଲେ, 'ବୀର ତୁମେ ମୋର ସମ୍ମୁଖରେ ଛିଡ଼ା ହୋଇଛ । ତୁମର ଛାଇ ମୋ ଉପରେ ପଡୁଛି । ସକାଳ ସୂର୍ଯ୍ୟୋଦୟର ପବିତ୍ର କିରଣରୁ ମୁଁ ବଞ୍ଚିତ ହେଉଛି । ଦୟାକରି ମୋ ଆଗରୁ ହଟିଯାଅ । ସୂର୍ଯ୍ୟଦେବଙ୍କର ମୁକ୍ତକିରଣ ଟିକେ ମୋ ପାଖକୁ ଆସିବାକୁ ଦିଅ । ଆଉ ମୋର କିଛି ଦରକାର ନାହିଁ ।' ତପସ୍ୱୀଙ୍କ ଉତ୍ତରରେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ ଗ୍ରୀକ୍ ବୀର ଏବଂ ସୁଖର ଅନ୍ୟ ଏକ ସଂଜ୍ଞା ମଧ୍ୟ ସେ ତତ୍‌କ୍ଷଣାତ ପାଇ ପାରିଥିଲେ । ତେଣୁ ମଣିଷର ଜୀବନ ଦୁଃଖ ଓ ସୁଖର ସମାହାର । ଗୋଟିକ ବିନା ଅନ୍ୟଟିକୁ କେବେ ଅନୁଭବ କରି ହୁଏ ନାହିଁ । କିନ୍ତୁ ଦୁଃଖ ସୁଖର ପ୍ରକୃତ ସଂଜ୍ଞା ସେ ବିଷୟରେ ଆଜିର ବିଜ୍ଞାନଯୁଗର ମଣିଷମାନେ ଏ ପର୍ଯ୍ୟନ୍ତ ଅବଗତ ହୋଇପାରି ନାହାନ୍ତି । ଆଜିର ସମୟରେ ଟଙ୍କା, ସୁନା, ଜମି, ସୁନ୍ଦରୀ ସ୍ତ୍ରୀ, ସହରରେ ଜାଗା, କୋଠାଘର, ମୂଲ୍ୟବାନ୍ ଗାଡ଼ି, ଉଚ୍ଚ ପଦପଦବି ତଥା ଯୌବନକୁ ସୁଖର ଉତ୍ସ ଭାବେ ଏ ଶିକ୍ଷିତ ମଣିଷମାନେ ବିଚାର କରୁଛନ୍ତି । କିନ୍ତୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଏ ମଣିଷ ପାଖରେ ଉପରୋକ୍ତ ସବୁକିଛି ଥାଇ ମଧ୍ୟ ସେ ସୁଖର ସନ୍ଧାନ ପାଇପାରି ନ ଥାଏ । ଆଜିକାଲିର ଦୁନିଆ ଭିତରେ ଅନେକ ଖବର ମିଳେ ଯେ, ପୁଞ୍ଜିପତି ଦମ୍ପତିଙ୍କ ମଧ୍ୟରେ ସୁସମ୍ପର୍କ ନ ଥାଏ କି ସ୍ନେହ ଓ ପ୍ରେମ ଭାବର ଆଦାନ ପ୍ରଦାନ ନ ଥାଏ । କୋଟିପତି ବ୍ୟବସାୟୀଟିଏ ଗୋଟିଏ ରାତି ବି ସମୟ ଦେଇପାରେନା ନିଜ ଜୀବନ ସାଥୀକୁ । ସମ୍ପର୍କ ତିକ୍ତ ହୁଏ । ସ୍ୱାମୀ ସ୍ତ୍ରୀର ପବିତ୍ର ସମ୍ପର୍କ ଭିତରେ ଅଶାନ୍ତି ସୃଷ୍ଟି ହୁଏ । ସନ୍ଦେହର ନିଆଁ ଅକସ୍ମାତ୍ ଜଳିଉଠେ । ସେହିପରି ସରକାରୀ ଚାକିରି ହେଉ ଅଥବା ରାଜନେତା ତଥା ବ୍ୟବସାୟ ହେଉ ସବୁଥିରେ ପୂଳା ପୂଳା ଟଙ୍କା ରୋଜଗାର ପାଇଁ କେବଳ ଦିନରାତି ଖଟଣି । ଟଙ୍କାର ପାହାଡ଼ଟିଏ ଗଢ଼ିବା ପାଇଁ ମଣିଷ ଦିନରାତି ଖଟେ । ଟଙ୍କାର ପାହାଡ଼ ଗଢ଼ାଯାଏ । ହେଲେ ସତରେ କ'ଣ ସେ ମଣିଷକୁ ସୁଖ ମିଳିଯାଏ! ନା, କେବେ ବି ମିଳେନା । ଟଙ୍କାର ପାହାଡ଼କୁ ଜଗିବା ପାଇଁ ତା' ଆଖିରୁ ନିଦ ହଜିଯାଏ, କଳାଧନ

ଠୁଳାଇବା, ଅପରାଧରେ ସେ ଜେଲ୍ ଯାଏ । ତା'ପରେ ତ କେବଳ ଦୁଃଖ ହିଁ ଦୁଃଖ । ତେବେ ଏଇଠି ଚିନ୍ତା କରାଯାଏ - ଏପରି କାହିଁକି ହୁଏ । କେବଳ ଭ୍ରମାତ୍ମକ ଚିନ୍ତା ଓ ଚେତନାରୁ ସ୍ୱାର୍ଥ, ଲୋଭ, ମୋହର ବଶବର୍ତ୍ତୀ ହୋଇ ମଣିଷମାନେ ପ୍ରକୃତ ସୁଖରୁ ନିଜକୁ ବଞ୍ଚିତ କରୁଛନ୍ତି । ସାରା ବିଶ୍ୱକୁ ଆଖିଆଗକୁ ଆଣିଲେ ଦେଖାଯାଏ ଯେ ଖୁବ୍ କମ୍ ରାଷ୍ଟ୍ରରେ ଲୋକମାନେ ଅଧିକ ସୁଖରେ ବସବାସ କରୁଛନ୍ତି । ସଂଗୃହୀତ ତଥ୍ୟ ଅନୁସାରେ ଭାରତବର୍ଷର ସ୍ଥାନ ୧୧୮ରେ ରହିଛି । ନରୱେ ପ୍ରଥମ ସ୍ଥାନରେ, ଡେନମାର୍କ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଶ୍ରୀଲଙ୍କା, ପାକିସ୍ତାନ, ଚୀନ ଓ ନେପାଳର ସ୍ଥାନ ଭାରତବର୍ଷ ଠାରୁ ବହୁ ପଛରେ ରହିଛି । ଆମେରିକା, ଜର୍ମାନ, ଋଷିଆ ପରି ବିତ୍ତଶାଳୀ ରାଷ୍ଟ୍ରମାନେ ବିଜ୍ଞାନରେ ଯଥେଷ୍ଟ ଅଗ୍ରଣୀ ଥିଲେ ମଧ୍ୟ ଏହି ଦେଶର ନାଗରିକମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି । ତେବେ ଭାରତବର୍ଷରେ ଲୋକମାନଙ୍କର ପ୍ରକୃତ ସମସ୍ୟା ଚିନ୍ତା ଓ ଚେତନାରୁ ହିଁ ସୃଷ୍ଟି ହେଉଛି । ଆବଶ୍ୟକତା ଠାରୁ ଅଧିକ ଇଚ୍ଛା କରୁଥିବା ମଣିଷମାନେ ଅସଫଳ ହୋଇ ମାନସିକ ବିଷାଦଗ୍ରସ୍ତ ହେବାର ଦେଖାଯାଉଛି । ଜୀବନଟିଏ ଜିଇଁ ମରିବା ପାଇଁ ପୃଥିବୀର ପ୍ରକୃତି ଆମକୁ ସବୁକିଛି ଦେଇଛି । କିଛିଟାର ଅଭାବ ଘଟିଲେ ତାକୁ ଆମେ କୋଟି ଟଙ୍କା ଖର୍ଚ୍ଚ କରି କିଣିପାରିବା ନାହିଁ କି ଆମକୁ କେହି ଦେଇପାରିବେ ନାହିଁ । ଜଳ, ପବନ, ସୂର୍ଯ୍ୟକିରଣ ଏ ସବୁକୁ ଟଙ୍କା ସୁନା ଦେଇ କ୍ରୟ କରିହେବ ନାହିଁ । ତଥାପି ଏ ସବୁର ଗୁରୁତ୍ୱ ଉପରେ ଆମେ ନଜର ପକାଉନା । ଆମେ ପଡ଼ୋଶୀକୁ ତୁଳନା କରୁ । ଆମେ ଜୀବନକୁ ଜୀବନ ସହିତ ଯୋଡ଼ି କମ୍ପିଟେସନ କରୁ । କିଛିଟା ହାସଲ କରି ନ ପାରିବାର ଅଭାବବୋଧ ଆମକୁ ଦୁଃଖ ଦିଏ । ଏହାକୁ ନେଇ ଈର୍ଷା କରୁ ସିନା ପରର ସୁଖରେ ସାମିଲ ହୋଇ କିଛିଟା ଆନନ୍ଦ ଆସ୍ୱାଦନ କରିବାକୁ ଆମେ କେବେ ସୁଯୋଗ ଦେଉନା । ସୁଖ ନୁହେଁ, କ୍ଷଣିକ ତଥା ସାମୟିକ ଆନନ୍ଦ ଟିକେ ପାଇବା ପାଇଁ ଆମ୍ଭେମାନେ ଆଜି ଖୁବ୍ ବ୍ୟଗ୍ର । ଆନନ୍ଦ ବ୍ୟସ୍ତକୁ ନେଇ ଜନ୍ମହୁଏ । ପରିସ୍ଥିତି ପରିବେଶ ତଥା ସମୟକୁ ନେଇ ଆନନ୍ଦର ହୁଏତ ରୂପାନ୍ତରଣ ତଥା ସମୟକୁ ନେଇ ଆନନ୍ଦର ଘଟି ବିଷାଦ ଆସିପାରେ । କିନ୍ତୁ ସୁଖ କେବଳ ନିଜର ମନ ଓ ହୃଦୟ ଉପରେ ପ୍ରତିଶ୍ରୁତି । ଫାଶୀ ପାଉଥିବା ମଣିଷ ମଧ୍ୟ ମୃତ୍ୟୁରୁ ଗୋଟିଏ ମୁହୂର୍ତ୍ତ ପୂର୍ବରୁ ସୁଖକୁ ଅନୁଭବ କରିପାରେ । ଯେ କୌଣସି ପରିସ୍ଥିତି ମଧ୍ୟରେ ମଣିଷର ମନ ସୁଖକୁ ଠାବ କରିପାରିଥାଏ । ନିର୍ବିକାର ଚିନ୍ତା ଓ ଚେତନା ହେଉଛି ଅନନ୍ତ ସୁଖର ଉତ୍ସ । କାମନା ବାସନାର ତ ଅନ୍ତ ନ ଥାଏ । କୌଣସି ମଣିଷ କେବେ ନିଜର ସମସ୍ତ କାମନା ବାସନାକୁ ପୂର୍ଣ୍ଣ କରି ମୃତ୍ୟୁବରଣ କରିନାହିଁ । ଯଦିଓ ସବୁ କିଛି ମିଳିଯାଏ ତଥାପି ତ ମରିବାକୁ ହେବ ନା ଦିନେ । ହେଲେ ପ୍ରକୃତ ସୁଖୀ ମଣିଷ ଗୋଟିଏ ଶାନ୍ତିପୂର୍ଣ୍ଣ ଜୀବନଧାରାରେ ବଞ୍ଚି ମରିବାକୁ ଇଚ୍ଛା କରିଥାଏ । ତେବେ ଆଜିର ମଣିଷମାନେ ଅବଶ୍ୟ ବୁଝିବାକୁ ଆରମ୍ଭ କଲେଣି । ଯୋଗ ଓ ଧ୍ୟାନ ବଳରେ ନିଜର ଚିନ୍ତା ଓ ଚେତନାକୁ ଅନ୍ତର୍ମୁଖୀ କରି ପ୍ରକୃତ ଶାଶ୍ୱତ ସୁଖର ଠିକଣାକୁ ମଧ୍ୟ ଠାବ କରିପାରିଲେଣି । ପାଶ୍ଚାତ୍ୟ ରାଷ୍ଟ୍ରର କୁବେରମାନେ ମଧ୍ୟ ଭାରତବର୍ଷର ଆଧ୍ୟାତ୍ମିକ ଗୁରୁମାନଙ୍କ ପାଖରେ ନିଜକୁ ସମର୍ପଣ କରି ଧ୍ୟାନ ଧାରଣା ଓ ସମାଧିକୁ ଶିଖି, କାମନା ବାସନା ତଥା ନିଜକୁ ମୁକ୍ତ କିର ଅନନ୍ତ ସୁଖ ପଥକୁ ଆପଣେଇ ନେଉଛନ୍ତି । ତେବେ ଅଧିକ ସୁଖ କୁଆଡ଼େ ଦୁଃଖ ଆଣିଦିଏ । ଏପ୍ରକାର ଏକ ନକାରାତ୍ମକ ବିଶ୍ୱାସକୁ ଆପଣେଇ ସୁଖୀ ଭାରତୀୟମାନେ ମଧ୍ୟ ଦୁଃଖର ପଥକୁ ଜବରଦସ୍ତ ଆପଣେଇ ନେଉଛନ୍ତି । ଯାହାକି ଏକ ବିଡ଼ମ୍ବନା ଅଟେ ।

ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ - ୯୦୪୦୦୨୮୬୦୪

# କ୍ଷତ

- ମାଧବାନନ୍ଦ ପାତ୍ର

ରବିବାର ଦିନ ୧୧ଟାରେ ଗାଁ ନଈରୁ ଗାଧୋଇ ଫେରିବା ବେଳକୁ ବୋଉ ଜଣାଇଦେଲା ଖବରଟେ । ପାଖ ଗାଁ ମଦନପୁରରେ ଅଛି ବାହାଘର ଭୋଜି, ଦିନ ୧୨ଟାରେ ବାଲେଶ୍ୱରରୁ ଶିକ୍ଷକ ଚାକିରିରୁ କିଛି ଦିନ ପାଇଁ ଛୁଟିନେଇ ଆସିଛି ମୁଁ ଗାଁକୁ, ଯେଉଁଠାରେ ଯାହା ଯେମିତି ଖାଇଲେ ବି ଗାଁ ଖାଇବା ଆଉ ଘର ଖାଇବା ସବୁବେଳେ ନିଆରା । କେତେବେଳେ କେମିତି ଛୁଟିଟିଏ ମିଳିଲେ ଗାଁକୁ ଆସିବାର ସୁଯୋଗ ମିଳୁଛି । କେତେବେଳେ କେମିତି ହାବୁଡ଼ରେ ପଡ଼ିଯାଏ ଏପରି ସୁଯୋଗ । ଛୋଟବେଳେ ସାଙ୍ଗମାନଙ୍କ ସହିତ ନିମନ୍ତ୍ରିତ ନଥିଲେ ମଧ ଅନ୍ୟ ଗାଁକୁ ଚାଲିଯାଉଥିଲି ଭୋଜି ଖବର ପାଇ । ଆଜି କିନ୍ତୁ ସମୟ ବଦଳିଛି ବୟସ ବି ବଢ଼ିଗଲାଣି ଆଗଠାରୁ । ବର୍ତ୍ତମାନ ମୁଁ ଶିକ୍ଷକଟିଏ ହୋଇ ବେଶ୍ ପରିଚିତ ହୋଇ ଯାଇଛି ଆଖପାଖ କେତେଖଣ୍ଡି ଗାଁରେ । ପିଲାବେଳେ ଯେଉଁ କେତେ ଜଣ ବାଲୁଙ୍ଗା ସାଙ୍ଗ ମୋର ଥିଲେ ଆଜି କିଏ କେଉଁଠି ଅଛନ୍ତି ତା'ର ମଧ ଠିକଣା ନାହିଁ ।

ଆଜି ଭୋଜି ଖବର ପାଇ ବାହାରି ପଡ଼ିଲି ଯିବାକୁ । ସେଠାକୁ ଗଲେ ହୁଏତ ପୁରୁଣା ସାଙ୍ଗଙ୍କ ସହ ଦେଖା ହୋଇଯାଇପାରେ । ପହଞ୍ଚିଲି ନିର୍ଦ୍ଧାରିତ ସମୟରେ । କିଛି ସାଙ୍ଗମାନଙ୍କ ସହ କଥା ହୋଇ ଶେଷ ଛେକରେ ଖାଇବାକୁ ବସିଲି । ସେତେବେଳକୁ ପ୍ରାୟ କୋଡ଼ିଏ କି ପଚିଶ ଜଣ ଖାଇବାକୁ ବସିଥାନ୍ତି ସେଠାରେ । ହଠାତ୍ ଲକ୍ଷ୍ୟକଲି ମୋ ସାମାନ ଧାଡ଼ିରେ ଏକ ଧାନରେ ଖାଇବାରେ ବ୍ୟସ୍ତ ଅଛନ୍ତି ବଳରାମ ସାର୍ ।

ବଳରାମ ସାର୍, ବୟସ ପ୍ରାୟ ୭୫ କିମ୍ବା ୮୦ ପାଖାପାଖି, ମନେପଡ଼ିଗଲା ପୁରୁଣା ସ୍ମୃତି । ମୁଁ ଛୋଟବେଳେ ଦ୍ୱିତୀୟ ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ସେ ହିଁ ମୋର ଜ୍ଞାନର ମୂଳଦୁଆ ଦେଇଥିଲେ । ତାଙ୍କରି ପାଇଁ ମୁଁ ଆଜି ସଭ୍ୟ ଶିକ୍ଷିତ ସମାଜରେ ଉଚ୍ଚ ସ୍ଥାନରେ । ମନେପଡ଼ିଯାଉଥିଲା ଅନେକ କଥା, ଅତୀତର ସୁଖ ଦୁଃଖ କିଛି ମଜାମଜା ଘଟଣା ।

ମନେପଡ଼ିଯାଉଥିଲା ତୃତୀୟ ଶ୍ରେଣୀରେ ସାରଙ୍କର ଗୋଗଛା ପ୍ରହାର । ଖାଉ ଖାଉ ହସିଦେଲି ଟିକିଏ । ବଳରାମ ସାର୍ ଭାରି ଭଲ ଇଂରାଜୀ ପଢ଼ାନ୍ତି । ଗାଁ ଆଁ ଖଣ୍ଡିକରେ ଲୋକମାନେ କୁହାକୁହି ହୁଅନ୍ତି, ଯିଏ ବଳରାମ ସାରଙ୍କ ପାଖରେ ପାଠପଢ଼ିନି ଆଉ ତାଙ୍କ ହାତରୁ ବେତମାଡ଼ ଖାଇନି ସିଏ କେବେ ବି ବଡ଼ ମଣିଷ ହୋଇପାରିନି । ବାସ୍ତବରେ ତାହା ହିଁ ସତକଥା । ସେ ଇଂରାଜୀ ଯେମିତି ପଢ଼ାନ୍ତି ଗଣିତ, ସାହିତ୍ୟାଦିରେ ମଧ ସେମିତି ଦକ୍ଷ ।

ଥରେ ସାର୍ ଆମକୁ କ୍ଲାସରେ ଇଂରାଜୀ ବର୍ଣ୍ଣ ଲେଖିବାକୁ କହିଦେଇ ଅନ୍ୟ ଏକ କ୍ଲାସକୁ ଚାଲିଯାଇଥିଲେ । ପ୍ରକୃତରେ ମୋତେ ଇଂରାଜୀ ହିଁ ଆସୁନଥିଲା ସେତେବେଳେ । ଏବିସିଡ଼ି ଲେଖିଲା ବେଳକୁ ତାହା ଓଲଟ ପାଲଟ ହୋଇଯାଏ । ପୁଣି କେତେବେଳେ ବଡ଼ଛୋଟ ମିଶିଯାଏ ତ ବର୍ଣ୍ଣସଂଖ୍ୟା କମ୍ ହୋଇଯାଏ । ସେଦିନ ଠିକ୍ ଅନୁରୂପ ଭାବରେ ମୋର ବର୍ଣ୍ଣ ଏପଟ ସେପଟ ହୋଇଯାଇଥିଲା । ଅନେକଥର ସାର ମୋତେ ଇଂରାଜୀ ବର୍ଣ୍ଣ ଶିକ୍ଷା ଦେଇଥିଲେ ମଧ ମୁଁ ଧାନ ଦେଉନଥାଏ ସେଥିରେ ।

ହଠାତ୍ ସେଦିନ କିନ୍ତୁ ସାର ଗଣ୍ଠିଆ ବେତରେ ମୋତେ ପିଟିଚାଲିଲେ ଅତର୍କ୍କା । ଗୋଡ଼ର ଭଣ୍ଡା ଦେଶ ମୋର ବେତ୍ରାଘାତରେ ନୋଳା ପଡ଼ିଯାଇ କଳା ପଡ଼ିଗଲା, କେବଳ ସେତିକି ନୁହେଁ ମୋର ଆଣ୍ଠୁରେ ସୃଷ୍ଟି ହୋଇଥିବା ଘା'ଟିଏ ବେତମାଡ଼ରେ ପୁନଷ୍ଚ ସତେଜ ହୋଇ ଗୋଡ଼ଟା ରକ୍ତାକ୍ତ ହୋଇଗଲା ।

ଘରକୁ ଛୋଟେଇ ଛୋଟେଇ ଫେରିବା ବାଟରେ ସେଦିନ ଭାରିଗାଳି କରିଥିଲି ମନେମନେ । ଘରକୁ ଫେରି ବାପାଙ୍କୁ ଜଣାଇଥିଲି ସାରଙ୍କ ଏପରି ନିଷ୍ଠୁରତାକୁ, ପିଲାଳିଆ ମନରେ ସେଦିନ ବାପାଙ୍କୁ କହିଥିଲି । "ବୁଢ଼ା ମାଷ୍ଟର ଯେତେବେଳେ ନଈକୂଳିଆ ରାସ୍ତାରେ ସାଇକେଲ ଚଳେଇଯିବ, ସେତେବେଳେ ମୁଁ ନଡ଼ିଆଗଛ ପଛରେ ରହି ଟେକାମାରି ବୁଢ଼ାର ମୁଣ୍ଡ ଫଟେଇଦେବି । ବୁଢ଼ା ମୋ ଦେହରୁ ରକ୍ତ ବାହାର କରିଛି, ମୁଁ ତା' ମୁଣ୍ଡରୁ ରକ୍ତ କାଢ଼ିଦେବି । ବାପା ସେଦିନ ମୋ କଥା ଶୁଣି ମୋତେ ବୁଝାଇଥିଲେ, ସନ୍ଧ୍ୟାରେ ବଳରାମ ସାରଙ୍କ ପାଖକୁ ନେଇଥିଲେ । ସେଦିନ ବାପାଙ୍କ ସହ ସାରଙ୍କର ହସହସ କଥାବାର୍ତ୍ତାରେ ମୁଁ କେମିତି ମୁଗ୍ଧ ହୋଇଯାଇଥିଲି । ତା'ପରେ ସାର ମୋତେ କହିଥିଲେ ବାବୁରେ, ମନଦେଇ ପାଠ ପଢ଼ । ବାପା ମା'ଙ୍କର ନାମ ରଖ, ଇଂରାଜୀ ଭାଷା ଜମାରୁ କଷ୍ଟ ନୁହଁ । ବହିକୁ ଦେଖି ପଢ଼ା ଅଭ୍ୟାସ କର । ଦେଖିବ ପାଠ କେମିତି ଆପଣାଛାଏଁ ତୁମକୁ ଧରାଦେବ । ୟା'ପରେ ମୁଁ ଆଉ କେବେ ସାର୍‌ଙ୍କ ପାଖରୁ ରୁକ୍ଷ ବ୍ୟବହାର ପାଇନାହିଁ । ଏହାର ଦୁଇବର୍ଷ ପରେ ବୃତ୍ତି ପାଇ ମୁଁ ଅନ୍ୟ ଏକ ସ୍କୁଲରେ ପାଠ ପଢ଼ିବାକୁ ଚାଲିଗଲି । ସେବେଠାରୁ କଟିଯାଇଥିଲା ବଳରାମ ସାର୍‌ଙ୍କ ସହିତ ସମ୍ପର୍କ । ବଳରାମ ସାର ହିଁ ମୋର ଜୀବନରେ ଶିକ୍ଷାର ମୂଳଦୁଆ ଦେଇ ଆଜି ଶିକ୍ଷିତ ସମାଜରେ ମୋତେ ପରିଚିତ କରାଇ ଅଛନ୍ତି । ମୁଁ ଏହା କଦାପି ଭୁଲିପାରିବି ନାହିଁ । ସେ ଦିନର ସେ କଥା ଭାବିଲେ ଆଜି ମଧ ହସଲାଗେ ।

"ଆରେ, ଖାଉନୁ ଏମତି ହସୁଛୁ କ'ଣ ରେ ?" - ଆଣ୍ଠୁକୁ ହଲେଇ ଦେଇ ପାଖରେ ବସିଥିବା ସାଙ୍ଗଟେ ମୋତେ ସଚେତନ କରାଇଦେଲା ।

ଭାବନା ରାଜ୍ୟରୁ ଓହ୍ଲାଇ ଆସି ପ୍ରକୃତିସ୍ଥ ହେଲି । ସେତେବେଳକୁ ସାରଙ୍କର ଖାଇବା ସରିଲାଣି ବୋଧେ । ଖିରି ବଣ୍ଟାଚାଲିଥାଏ । ମୁଁ କିଛି ସମୟ ପାଇଁ ସାର୍‌ଙ୍କୁ ଅବଲୋକନ କଲି । ପିଲାଦିନରୁ ଆଜିଯାଏଁ ଜୀବନର ଅନେକ ବର୍ଷ ପରେ ଆଜି ସାର୍‌ଙ୍କ ସହ ଦେଖା । ଯାହାଙ୍କ ପାଇଁ ମୁଁ ଆଜି ଏ ଜାଗାରେ ସେ ଆଜି ମୋ ସାମ୍ନାରେ । ସମୟର ପରିବର୍ତ୍ତନରେ ସାର୍‌ଙ୍କର ବେଶ ପରିପାଟୀରେ ମଧ ପରିବର୍ତ୍ତନ ଖାଲି ପରିବର୍ତ୍ତନ ନୁହେଁ, ଅସ୍ୱାଭାବିକ ପରିବର୍ତ୍ତନ ।

କ୍ଲାସ୍‌ରେ ସାର୍ ପଢ଼ାଇବା ସମୟରେ ଧୋତି ପଞ୍ଜାବି ପିନ୍ଧିଥାନ୍ତି, ଟିକିଏ ମୋଟା ଆଉ ପେଟୁଆ, ଉଚ୍ଚତା ବେଶୀ ନୁହେଁ । ଆଜି କିନ୍ତୁ ଏ କ'ଣ ? ସାରଙ୍କର ରୂପ ସମ୍ପୂର୍ଣ୍ଣ ବଦଳିଯାଇଛି । ସୁନ୍ଦର ଗୋଲଗାଲ୍ ଚେହେରା ଆଜି ଶୁଖିଯାଇଛି । ଦେହରେ ଆଉଗତ ଦିନମାନଙ୍କର ସତେଜତା ନାହିଁ । ହୁଏତ ବୟସ ବୃଦ୍ଧି ହେତୁ ହୋଇଥାଇପାରେ । ତାହା ତ ନୁହେଁ, ସାର୍‌ଙ୍କ ଦେହରେ ସେତେବେଳେ ପୋଷାକ କହିଲେ ଲୁଙ୍ଗିଟେ ଆଉ ଧଳା ଗଞ୍ଜିଟେ । ଉଭୟ ମଇଳା ଏବଂ ଦେହର ଅର୍ଦ୍ଧେକ ଅଂଶ ଦିଶିଯାଉଛି । ସାର୍‌ଙ୍କର ଏପରି ଅବସ୍ଥା ମୁଁ କେବେ ଆଗରୁ ଦେଖିନଥିଲି, ମୁହଁ ମଳିନ ।

ଖାଦ୍ୟ ଶେଷ କରି ମୁଁ ଉଠି ଆସିଲି ସାଙ୍ଗ ସହ । ହାତ ଧୋଉଥିବା ବେଳେ ପଚାରିଲି ବଳରାମ ସାର୍‌ଙ୍କ କଥା । ସେ ଯାହାକହିଲା ବାସ୍ତବରେ ବିଶ୍ୱାସ କରିପାରିଲିନି ।

ବଳରାମ ସାର୍‌ଙ୍କର ଅଧା ବୟସରେ ସ୍ତ୍ରୀ ଚାଲିଯାଇଥିଲା ଆରପାରିକୁ । ସେତେବେଳକୁ ନିଜର ବୋଲି କହିଲେ ସାର୍‌ଙ୍କର ଝିଅଟିଏ ଓ ପୁଅଟିଏ । ଝିଅ ବାହା ହୋଇଯାଇଥିଲା । ଗୋଟିଏ ପୁଅ ସେତେବେଳକୁ ମେଟ୍ରିକ୍ ପାସ୍ କରିସାରିଥାଏ । ସାର୍‌ଙ୍କ ଚେଷ୍ଟାରେ ସେ ଆଜି ସରକାରୀ ଚାକିରିଟିଏ କରି ସହରରେ । ପୁଅକୁ ବାହା କରିଦେଇଛନ୍ତି । ଆଠ କି ଦଶବର୍ଷର ନାତିଟିଏ ହେଲାଣି । ଦୁଃଖର କଥା ପୁଅ ସହରରେ ଥିବା ବେଳେ ବୋହୂ ସାର୍‌ଙ୍କ ସେବା କରିବାକୁ କୁଣ୍ଠା ପ୍ରକାଶ କଲା । ପୁଅ ବି ସ୍ତ୍ରୀକୁ ପାଖକୁ ନେଇ ସହରରେ ରହିଲା । ବୋହୂର ମନ୍ତ୍ରଣାରେ ପୁଅ ସାର୍‌ଙ୍କ ପେନସନରୁ ଅର୍ଦ୍ଧେକ ନେଇଯାଉଥିଲା । ଘର ଭିଟାମାଟିକୁ ଆଶ୍ରାକରି ସାର୍ ପଡ଼ିରହିଥିଲେ ଏଇଠି ଗାଁରେ । ଜୀବନର ଅପରାହ୍ଣରେ ଅବ ଉ ୀର୍ଣ୍ଣ ହେଲାପରେ ବି ପୁଅ ବୋହୂଙ୍କ ଦେଖା ନାହିଁ । ନିଜେ ମଧ କୌଣସି କାର୍ଯ୍ୟ ନିଜ ହାତେ କରିବାକୁ ସକ୍ଷମ ନୁହଁନ୍ତି । କେହି କେହି କିଛି ସାହାଯ୍ୟ କରିବା ଆଳରେ ସାର୍‌ଙ୍କୁ ଠକେଇ ପଇସା ନେଇ ଯାଆନ୍ତି । କିଏ କିଏ ସାର୍‌ଙ୍କ ପାଇଁ ବେଳେବେଳେ କିଛି ଖାଦ୍ୟ ଦେଇଯାଆନ୍ତି । ହେଲେ ତାହା କେତେଦିନ ?

ସାଙ୍ଗଠାରୁ ଏପରି କଥା ଶୁଣିଲା ବେଳକୁ ଆଖିମୋର ଛଳଛଳ ହୋଇଯାଇଥିଲା । ଦୂରକୁ ଚାହିଁଲି, ବଳରାମ ସାର୍ ବାଡ଼ିଟିଏ ଧରି ରାସ୍ତା କଡେ କଡେ ଆଗକୁ ମାଡ଼ିମାଡ଼ି ଚାଲିଛନ୍ତି । ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ସାର୍‌ଙ୍କ ପଛରେ ଦୌଡ଼ିଗଲି, ଧୀରଗତିରେ ଚାଲିଛନ୍ତି ସାର୍ । ସାର୍‌ଙ୍କ ଆଗକୁ ଯାଇ ପାଦ ଛୁଇଁଲି, କିଛି ସମୟ ପାଇଁ ସାର ନିସ୍ତବ୍ଧ ହୋଇ ଚାହିଁ ରହିଲେ ମୋତେ । ପଚାରିଲେ କିଏ ?

ମୁଁ ମୋର ପରିଚୟ ଦେଲି । ତୃତୀୟ ଶ୍ରେଣୀର କଥା ସବୁ କହିଚାଲିଲି, ସାର୍ ଭୁଲି ନାହାନ୍ତି । ଚିହ୍ନିନେଲେ ହଠାତ୍, ପଚାରିଲେ ମୋର ଜୀବନ ଓ ଜୀବିକା ସମ୍ପର୍କରେ, ମୁଁ ଯେ ଆଜି ସାର୍‌ଙ୍କର ମହତବାଣୀ ଦ୍ୱାରା ଇଂରାଜୀ ଶିକ୍ଷକଟେ ହୋଇପାରିଛି । ସାର୍ ଶୁଣି ଖୁସିହେଲେ, ତା'ପରେ ପଚାରିଲେ ଘରକଥା, ସବୁକଥା । ମୁଁ କହିସାରିବା ପରେ ସାର୍‌ଙ୍କର ମୁହଁରେ ଦେଖିଲି ଆନନ୍ଦର ଛିଟା । ମୁଁ ଜାଣେ ସାର୍ ଯେତେବେଳେ ତାଙ୍କର କୌଣସି ଛାତ୍ରର ଉନ୍ନତି ଦେଖନ୍ତି ଖୁସିହୁଅନ୍ତି ବହୁତ ।

ଏହାପରେ ସାର୍‌ଙ୍କୁ ପଚାରିଲି ତାଙ୍କ ନିଜ ସମ୍ପର୍କରେ । କିଛି କହିବାକୁ ଚାହୁଁ ନଥିଲେ ସେ, କେବଳ ଏତିକି କହିଲେ 'ସତ୍‌ଶିକ୍ଷା ମଣିଷକୁ ଉନ୍ନତ କରେ' । ନିଜ ସଂପର୍କରେ କିଛି କିଛି କହିଲେ ଅସ୍ପଷ୍ଟ ସ୍ୱରରେ । ଶେଷକୁ କେବଳ ଏତିକି ଶୁଭିଲା ପୁଅର ମଙ୍ଗଳ କାମନା । ପୁନଶ୍ଚ କହିଲେ ତାଙ୍କର ଏ ବେଶଭୁଷାକୁ ଦେଖି ଜଣା ପଡିଯାଉଥିବ ବ ର୍ତ୍ତ ମାନର ଅବସ୍ଥା । ଏହା କହିଦେଇ ଥରଥର ହାତରେ ମୋ ମୁଣ୍ଡରେ ହାତବୁଲାଇ ଦେଇ ପୁଣି ତାଙ୍କର ଗନ୍ତବ୍ୟ ପଥରେ ଆଗେଇ ଗଲେ । ମୁଁ କିନ୍ତୁ ସେତେବେଳେ ଲକ୍ଷ୍ୟ କରିଥିଲି ସାର୍‌ଙ୍କ ମୁହଁକୁ । ଆଖି ତାଙ୍କର ଲୁହରେ ଜକେଇ ଆସିଥିଲା, ବୋଧହୁଏ ମୋତେ ଅତିକ୍ରମ କଲାବେଳକୁ ତାହା ଖସିପଡ଼ିସାରିଥିବ ।

ମୁଁ ଏକା ପଛରେ, ଚାହିଁ ରହିଥାଏ ସାର୍‌ଙ୍କୁ ଏକ ଧ୍ୟାନରେ । ସାର୍‌ଙ୍କ ଦେହର ଆବରଣରେ ଅନେକ କ୍ଷତ, ତା'ଠାରୁ ବେଶୀ କ୍ଷତ ସୃଷ୍ଟି ହୋଇଛି ତାଙ୍କ ମନରେ । ସେଦିନ ତୃତୀୟ ଶ୍ରେଣୀରେ ସାର୍ ମାରିଥିବା ମାଡ଼ରେ ଯେଉଁ କ୍ଷତ ହୋଇଥିଲା ତାହା ଓ ସାର୍‌ଙ୍କର ପୋଷାକର କ୍ଷତକୁ ବି ସରିନୁହେଁ । ଆଉ ସାର୍‌ଙ୍କ ମନର କ୍ଷତ ?......

ସ୍ନାତକୋ ଉ ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ମୋ - ୯୯୩୭୨୧୨୭୯୫

୦୦୦୦୦

# ଅସହାୟ ବାତ୍ସଲ୍ୟତା

*- ସଞ୍ଜୟ ପଣ୍ଡା*

ବାପା ଚାଲିଯିବାର ବହୁତ ଦିନ ପରେ ମାଆ ସେଦିନ ପ୍ରଥମ ଥର ପାଇଁ କାହିଁକି କେଜାଣି ଭାରି ବ୍ୟସ୍ତ ଜଣାପଡୁଥିଲା । ଅଫିସ୍‌ର କାର୍ଯ୍ୟଭାର ଦିନକୁ ଦିନ ବଢ଼ିଚାଲିଥିଲା ମୋର । ତା' ଉପରେ ପୁଣି ପୁଅର ପାଠପଢ଼ା, ଶାଳୀର ବାହାଘର ପାଇଁ ଗହଣା କିଣା ଆଉ ପତ୍ନୀ ରୂପଶ୍ରୀର ପାର୍ଲର ଖର୍ଚ୍ଚର ଏକ ବିରାଟ ପାହାଡ଼କୁ ମୁଣ୍ଡେଇ କଥା କଥାରେ ବିରକ୍ତ ହୋଇଯାଉଥିଲି ମୁଁ । ମାଆକୁ କିଛି ନ ପଚାରି ରୂପଶ୍ରୀକୁ ପଚାରିଲି ଯେ କର୍କଶ ସ୍ୱରରେ ଉତ୍ତର ଆସିଲା କି - "ତୁମ ମାଆ ସେ ବୃଦ୍ଧାଶ୍ରମକୁ ଚାଲିଯିବେ ବୋଲି ଜିଦ୍ ଧରି ବସିଛନ୍ତି । ଯାଅ ତାଙ୍କୁ ଛାଡ଼ିକି ଆସ ।" ବାସ୍ ଏତିକି ସେ ଯାଦୁକରୀ କଥାରେ ଯନ୍ତ୍ରବତ୍ ମାଆକୁ ନେଇ ସହରର ନାମକରା ବୃଦ୍ଧାଶ୍ରମରେ ଛାଡ଼ିଦେଇ ଆସିଲି ।

ସେଦିନଠାରୁ କେବେ କେମିତି ମାଆକୁ ଦେଖାକରିବାକୁ ଯାଏ ନହେଲେ ନାହିଁ । ଏମିତି ଦିନେ ଅଫିସରେ ବ୍ୟସ୍ତ ଥିଲାବେଳେ ହଠାତ୍ ଫୋନ୍ ଆସିଲା ବୃଦ୍ଧାଶ୍ରମରୁ ଯେ ମାଆ ପୁରା ଅସୁସ୍ଥ । ସେମାନେ ତାଙ୍କୁ ଡାକ୍ତରଖାନାକୁ ନେଇଯାଇଛନ୍ତି । ପୁଣି ଗୋଟାଏ ଟେନ୍‌ସନ ଆସିଲା ମନେମନେ ଭାବି ସିଧା ଯାଇ ପହଞ୍ଚିଲି ଡାକ୍ତରଖାନାରେ । ସେଠାରେ ଦେଖିଲି ମାଆ ସିଧା ଭାବରେ ଆଖି ବନ୍ଦ କରି ବେଡ୍ ଉପରେ ଶୋଇରହିଛି । ଡାକ୍ତର କାନ ପାଖରେ ଚାପାଗଳାରେ କହିଗଲେ - "ଶେଷ ସମୟ ଆସିଗଲାଣି ।"

କେଉଁ ଏକ ଅଜଣା ଆବାହନରେ ମାଆର ପାଖରେ ଯଇ ଲଥ୍‌କରି ବସିପଡ଼ିଲି । ଧିର ସ୍ୱରରେ ପଚାରିଲି - "ମାଆ କିଛି କହିବୁ ?"

ଖନେଇ ଖନେଇ ମାଆ କହିଲା - "ତୁ ତ ଏତେ ଟଙ୍କା ରୋଜଗାର କରୁଛୁ । ଗାଡିମୋଟର, ଚାକରବାକର ରଖିଛୁ । ଯଦି ପାରିବୁ ଗୋଟେ କାମ କର । ସେହି ବୃଦ୍ଧାଶ୍ରମକୁ ଗୋଟେ ଦି'ଟା ପଙ୍ଖା ଆଉ ଗୋଟେ ଫ୍ରିଜର ବ୍ୟବସ୍ଥା କରିଦେ । ମୁଁ ବେଳେବେଳେ ବାସି ଖାଦ୍ୟ ଖାଇକି ଶୋଇପଡେ ଆଉ ଗରମ ସହି ନପାରି ପ୍ରତି ମିନିଟ ରେ ଓଦା କପଡାରେ ଦେହ ପୋଛି ହୁଏ ।

ଏତିକି ଶୁଣି ରାଗରେ ରକ୍ତ ଗରମ ହୋଇଗଲା । ସେ ବୃଦ୍ଧାଶ୍ରମ ନାଁରେ କେସ୍ କରିବି ଭାବିନେଲି । ମାଆକୁ କହିଲି - "ତୁ କାହିଁକି ମୋତେ ଆଗରୁ ଏକଥା କହି ନଥିଲୁ ? ତାପରେ ତୋର ଶେଷ ସମୟରେ ତୁ ତ ଆଉ ସେସବୁ ଉପଭୋଗ କରିପାରିବୁନି । ତେବେ ସେ ପଙ୍ଖା ଆଉ ଫ୍ରିଜ୍‌ର ଆବଶ୍ୟକ କ'ଣ ?

ମାଆ କହିଲା - "ନାହିଁରେ ମୁଁ ତ ଯେମିତି ସେମିତି ଚଳେଇ ନେଲି, ହେଲେ ଯେତେବେଳେ ତୋ ପୁଅ ବଡ ହେଲାପରେ ସେହି ବୃଦ୍ଧାଶ୍ରମକୁ ତୋତେ ପଠେଇଦବ ତୁ ସେସବୁ ବିନା ଚଳିପାରିବୁନି । ତୋତେ ବହୁତ କଷ୍ଟ ହେବ । ମୁଁ ତୋତେ ଜନ୍ମ ଦେଇଛି ତ ଆରପାରିରେ ଥିଲେବି ତୋ କଷ୍ଟ ଯନ୍ତ୍ରଣା ଦେଖିଲେ ଶାନ୍ତି ପାଇବିନି ।

ଅନୁତାପର ଏକ ନିସ୍ତେଜତା ଦୁଇଧାର ଲୁହ ହୋଇ ମୋ ଚକ୍ଷୁଦ୍ୱୟରୁ ବୋହିଆସି ମାଆର ସେ ପଣତଟାକୁ ଓଦା କରିପକାଇଲା ।

ଇରମ, ବାସୁଦେବପୁର, ଭଦ୍ରକ

# ବିବାହ ବେଦୀର ଶପଥ....

*- ସାସ୍ୱତୀ ସାମଲ*

ପ୍ରତ୍ୟେକ ପୁରୁଷର ଉନ୍ନତି ପଛରେ ଜରେ ନାରୀର ବହୁତ ବଡ଼ ଭୂମିକା ଲୁକ୍କାୟିତ ଥାଏ ବୋଲି ପଢ଼ିଥିଲେ ସିନା କିନ୍ତୁ ପିୟୁଷ ଆଜି ତାହା ନିଜେ ଅନୁଭବ କଲେ । ଏଭଳି ଅନେକ କାହାଣୀ ଘଟିଛି ଓ ଆମେ ମଧ ଘଟିବ ଯାହା ଆମ୍ଭମାନଙ୍କ ଦୃଷ୍ଟିକୁ ଆସୁନାହିଁ କିନ୍ତୁ "ଶକ୍ତି ବିନା ଶିବ ଶବ" ଉକ୍ତି ଟି ଅକ୍ଷର ଅକ୍ଷର ସତ୍ୟ । । ଶୈଶବରେ ମା' ଏବଂ ପରବର୍ତ୍ତୀ କାଳେ ସ୍ତ୍ରୀର ତ୍ୟାଗ ଓ ପ୍ରେରଣା ହିଁ ପୁରୁଷକୁ ତା ଜୀବନ ର ଅନେକ କଠିନ ଯାତ୍ରା ଅତିକ୍ରମ କରିବାକୁ ସାହାଯ୍ୟ କରେ ।

ଏବେବି କାଲି ପରି ଲାଗୁଛି ସୁକନ୍ୟା ସହିତ ତାଙ୍କର ବିବାହ ପ୍ରେମ ବିବାହ ନଥିଲା । ଜଣେ ମଧସ୍ତି ଙ୍କ ଦ୍ୱାରା ପ୍ରସ୍ତାବ ଟି ଆସିଥିଲା ତାଙ୍କ ଘରକୁ ସେ ତ କନ୍ୟା ଦେଖିବାକୁ ବି ପ୍ରସ୍ତୁତ ନଥିଲେ । ସୁକନ୍ୟା ଦେଖିବାକୁ ଅତି ସୁନ୍ଦର ନଥିଲେ କିନ୍ତୁ ତାଙ୍କ ସରଳ ନିଷ୍ପ ଚେହେରା ତା ସାଙ୍ଗକୁ ମନଖୋଲା ହସ ତାଙ୍କୁ ସମସ୍ତଙ୍କ ଠୁ ଅଲଗା କରିଦେଉ ଥିଲା । ସେଇଥିପାଇଁ ହୁଏତ ପ୍ରଥମ ଦେଖାରେ ହିଁ ତାଙ୍କୁ ହି ବିବାହ କରିବେ ବୋଲି ସେ ନିଷ୍ପତ୍ତି ନେଇ ସାରିଥିଲେ । ଏହା ଭିତରେ ତାଙ୍କ ଦାମ୍ପତ୍ୟ ଜୀବନ ର ପାଞ୍ଚ ବର୍ଷ ବିତିଗଲାଣି, ଏହି ପାଞ୍ଚ ବର୍ଷ ଭିତରେ ଛୋଟଛୋଟ କଥାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧରେ ମନମାଳିନ୍ୟ ହୋଇଛି କିନ୍ତୁ କିଛି ସମୟରେ ତାହାର ସମାଧାନ ଭି ହୋଇଯାଇଛି । ପ୍ରତି ସମ୍ବନ୍ଧ ବିଶେଷ କରି ପତିପତ୍ନୀଙ୍କ ଭିତରେ କିଛି ଟା ବିଚାର ବିଭେଦ ରହିବା ନିହାତି ଆବଶ୍ୟକ । ରାଗ ରୁଷା ମାନଅଭିମାନ ଓ ଜଣଙ୍କର ଅନ୍ୟ ଜଣଙ୍କୁ ମନେଇବା ଏ ସବୁ ତ ଏକ ସଫଳ ଦାମ୍ପତ୍ୟ ଜୀବନର ଉଦାହରଣ କିନ୍ତୁ କେଜାଣି କାହିଁକି ବେଳେ ବେଳେ ଲାଗେ କିଛି ଗୋଟେ ଅଭାବ ରହିଯାଇଛି ଦୁଇ ଜଣଙ୍କ ସମ୍ପର୍କରେ....

ସୁକନ୍ୟା ତା ନା ପରି ସବୁ ବିଷୟରେ ନିପୁଣ । ରୋଷେଇ, ନାଚ, ଗୀତ ସବୁଥିରେ ତାର ରୁଚି । ଯଦି କେଉଁଠି ଏସବୁକୁ ନେଇ ପ୍ରତିଯୋଗିତା ଆୟୋଜିତ ହୁଏ ସେଥିରେ ଅଂଶଗ୍ରହଣ କରିବାରେ ସେ ଅଗ୍ରଭର । ନିଜ ମେଳାପୀ ସ୍ୱାଭାବ ପାଇଁ ବହୁତ କମ୍ ସମୟରେ ଅଜଣା ବ୍ୟକ୍ତିକୁ ବି ନିଜ ବନ୍ଧୁ କରିଦିଅନ୍ତି । ଯେତେବେଳେ ସ୍ୱାମୀ ସ୍ତ୍ରୀ ଏକୁଟିଆ ଥାଆନ୍ତି ସେତେବେଳେ ତାଙ୍କୁ ଅଧିକାଂଶ ସମୟ ନୀରବ ଶ୍ରୋତାର ଭୂମିକା ନିଭେଇବାକୁ ପଡ଼େ । କହିବାକୁ ଗଲେ ଦିନଭରର ଖଟଣୀ ପରେ ଅଫିସରୁ ଫେରିଲା ପରେ ଆଉ କିଛି କହିବା ଅବସ୍ଥାରେ ସେ ନଥାନ୍ତି, ସୁକନ୍ୟା ତାଙ୍କ ଦିନଭରର କାର୍ଯ୍ୟକଳାପ ଯଥା ପଡୋଶୀ ଘରର ନୂଆ କିଣା ହୋଇଥିବା ଟି.ଭି. ଠୁ ଆରମ୍ଭ କରି ଦେଶବିଦେଶ ର ଖବର ଶୁଣେଇବାରେ ଲାଗିଯାନ୍ତି । ତାଙ୍କ କ୍ଳାନ୍ତ ଶରୀର ଓ ମନକୁ ଏସବୁ ଔଷଧ ପରି କାମ ଦିଏ ବେଳେ ବେଳେ ସେ ସୁକନ୍ୟାଙ୍କ ଖୁସି ପାଇଁ ସବୁ କଥା ନ ଜାଣି ନ ଶୁଣି ତାଙ୍କ କଥାରେ ହଁ ଭରିଦିଅନ୍ତି, ଏମିତି ଏକ ପରିସ୍ଥିତରେ ସେ ନିଜ ଅନ୍ୟମନସ୍କତାରେ ଏକ ଯୋଡ଼ିଦାର ନାଚ ପ୍ରତିଯୋଗିତା ରେ ଅଂଶଗ୍ରହଣ

କରିବାକୁ ନିଜର ସମ୍ମତି ଦେଇ ଦେଇଥିଲେ ।

ସେଦିନ ସକାଳେ ହଠାତ୍ ସୁକନ୍ୟାଙ୍କ ଡାକରେ ତାଙ୍କ ନିଦ ଭାଙ୍ଗିଗଲା । "ଜଲଦି ଉଠ ଆଉ ମାତ୍ର ଚାରି ସପ୍ତାହ ପରେ ଆମ ନାଚ ପ୍ରତିଯୋଗିତା ଏବେଠୁ ଅଭ୍ୟାସ ନକେଲ କେମିତି ହେବ" । ପ୍ରଥମେ ତ ସେ କିଛି ବୁଝି ପାରିଲେନି କେଉଁ ନାଚ ପ୍ରତିଯୋଗିତା ଓ ସେ କେବେ ଏଥିରେ ଅଂଶଗ୍ରହଣ କରିବାକୁ ସମ୍ମତି ଦେଲେ । ମାତ୍ର ଧିରେଧିରେ ମନେ ପଡିବାରୁ ଚୁପ୍ ରହିଲେ, କାରଣ ସୁକନ୍ୟା କୁ ସେ କହିପାରିବେନି ଯେ ତାଙ୍କ କଥା ନ ଶୁଣି ସେ ଟି.ଭି. ଦେଖିବାରେ ମସ୍ତ ଥିଲେ କିନ୍ତୁ ନିଜ ମୁର୍ଖାମୀ ପାଇଁ ସେ ଏତେ ବଡ଼ ଭୁଲ୍ କେମିତି କରିଦେଲେ, ନାଚ ଦେଖିବା ଯାଏ ତ ଠିକ୍ ଅଛି କିନ୍ତୁ ସେଥିରେ ଅଂଶଗ୍ରହଣ କରିବାକୁ ସେ ସ୍ୱପ୍ନରେ ବି ଭାବିନଥିଲେ । ଆଉ କିଛି ଉପାୟ ନଥିଲା ତାଙ୍କ ପାଖରେ ଭାବିଲେ ଏବେ କିଛି କହିବା ଉଚିତ୍ ହେବନି । କିଛିଦିନ ପରେ ଦେହ ଖରାପର ବାହାନା କରି ଏ ପ୍ରତିଯୋଗିତାରୁ ଓହରି ଯିବେ । ସୁକନ୍ୟା ସବୁ କିଛି ଯୋଗାଡ଼ କରି ରଖିଥିଲେ । ସେମାନେ କେଉଁ ଗୀତରେ ନାଚିବେ, କେମିତି ନାଚିବେ ସବୁକିଛି ତାଙ୍କୁ କେବଳ ତାଳରେ ତାଳ ମିଶାଇ ପାଦ ପକେଇବାକୁ ଥିଲା ତଥାପି ଏହା ତାଙ୍କ ପାଇଁ ପର୍ବତଆରୋହଣ ରୁ କମ୍ ନଥିଲା । ପ୍ରଥମ କେତେ ଦିନ ସେ କେବଳ ସୁକନ୍ୟାଙ୍କୁ ନାଚିବାର ଦେଖିଥିଲେ । ଏହା ଭିତରେ ତିନି ସପ୍ତାହ ବିତି ଗଲାଣି ଏବେ ତାଙ୍କ ମନ ଭିତରେ ଭୟ ଆସିଲାଣି ତାଙ୍କ ହାର୍ ପାଇଁ ନୁହେଁ ମାତ୍ର ତାଙ୍କ ସକାସେ ସୁକନ୍ୟାଙ୍କୁ ବି ହାର୍‌ର ସାମନା କରିବାକୁ ପଡ଼ିବ । ଯେତେ ଚେଷ୍ଟା କଲେବି ସେ ଏ ପର୍ଯ୍ୟନ୍ତ ଭଲରେ ତାଳ ମିଶେଇ ପାଦ ପକେଇ ପାରୁନାହାନ୍ତି ନାଚିବାର ତ ଦୂରର କଥା, ମନ ଭିତରର ଭୟ ତାଙ୍କ ଅନ୍ୟ କାର୍ଯ୍ୟକଳାପରେ ବି ବ୍ୟାଘାତ ସୃଷ୍ଟି କଲାଣି । ନିଜ ମନର ଦ୍ୱନ୍ଦ୍ୱ କାହା ଆଗରେ କହିବି ପାରୁନାହାନ୍ତି । ଶେଷରେ ନିଷ୍ପତ୍ତି ନେଲେ ସେ ଯାହା ହେଉଛି ପଛେ ହେଉ ପ୍ରତିଯୋଗିତାରୁ ଓହରି ଯିବାପାଇଁ କାଲି ସେ ସୁକନ୍ୟାଙ୍କୁ କହିବେ । ସେଦିନ ରାତିରେ କାହା ସ୍ପର୍ଶରେ ତାଙ୍କ ନିଦ ଭାଙ୍ଗିଗଲା । ଆଖି ଖୋଲିବାରୁ ଦେଖିଲେ ସୁକନ୍ୟା ତାଙ୍କ ପାଖରେ ବସିଛନ୍ତି, କଣ ହେଇଛି ଏତେ ରାତିରେ ତମେ ନ ଶୋଇ କଣ କରୁଛ "ସୁକନ୍ୟା କିଛି ଉତ୍ତର ନଦେଇ ପାଖକୁ ଘୁଞ୍ଚି ଆସିଲେ ତାଙ୍କ ହାତ ଉପରେ ହାତ ରଖି ଆଖିରେ ଆଖି ମିଶୋଇ କହିଲେ "ମୁଁ ଭଲ ଭାବରେ ଜାଣିଛି ତମକୁ ନାଚ, ଗୀତ ଏସବୁ ଭଲ ଲାଗେନା, କାଲି ପ୍ରତିଯୋଗିତାରେ ଆମେ ଜିତିବା କି ହାରିବା ତା ମୁଁ ଜାଣେନି ମାତ୍ର କେବଳ ମୋ ଖୁସି ପାଇଁ ତୁମେ ଏଥିରେ ଭାଗ ନେଇଛ ଏହା ମୋ ପାଇଁ ସବୁଠୁ ବଡ଼ କଥା । ବିବାହବେଦୀରେ ପତିପତ୍ନୀ ଦୁହେଁ ଜଣେ ଅନ୍ୟର ମତକୁ ସମ୍ମାନ ଦେବା ଓ ପରସ୍ପରକୁ ଖୁସିରେ ରଖିବା ପାଇଁ ଶପଥ ନେଇଥାନ୍ତି, କିନ୍ତୁ ତୁମେ କେବଳ ଶପଥ ନେଇ ନଥିଲ ଆଜି ତାକୁ କାର୍ଯ୍ୟରେ ବି ପରିଣତ କରିଛ । ତମକୁ ସ୍ୱାମୀ ରୂପରେ ପାଇ ଥିବାରୁ ମୁଁ ଆଜି ଗର୍ବ ଅନୁଭବ କରୁଛି । ଏହା ମୋ ଜୀବନର ସବୁଠୁ ଖୁସିଭରା ଦିନ ।

ସୁକନ୍ୟା ଶୋଇବାକୁ ଚାଲିଗଲେ କିନ୍ତୁ ସେ ସାରା ରାତି ଶୋଇ ପାରିଲେନି, ଏତେ ଦିନ ଧରି ତାଙ୍କ ମନ ଭିତରେ ଚାଲିଥିବା ଝଡ଼ ବା ସତେ ଯେମିତି ଶାନ୍ତ ପଡ଼ି ଯାଇଥିଲା ।

ତା'ପରଦିନ ସ୍ୱାମୀ-ସ୍ତ୍ରୀ ପ୍ରତିଯୋଗିତା ସ୍ଥଳରେ ବହୁ ଆଗରୁ ପହଞ୍ଚି ଯାଇଥିଲେ, କିନ୍ତୁ ଅନ୍ୟ

ପ୍ରତିଯୋଗୀଙ୍କ ନାଚ ଦେଖି ସେମାନେ ଯେ ପ୍ରଥମ ରାଉଣ୍ଡ ଅତିକ୍ରମ କରିବେ ତା ନେଇ ସନ୍ଦେହ ଜାତ ହୋଇଥିଲା, ମାତ୍ର ସୁକନ୍ୟାଙ୍କ କଥା ମନେ ପଡିବାରୁ ନିଜକୁ ଦୃଢ଼ କରି ନେଇଥିଲେ, ତାଙ୍କ ଉପରେ ଥିବା ବିଶ୍ୱାସ କୁ ସେ ଭାଙ୍ଗିବାକୁ ଦେବେନି, ପରିଣାମ ଯା ହେଉ ପଛେ ସେ ଜିତିବା ପାଇଁ ଚେଷ୍ଟା କରିବେ, କିଛି ସମୟ ମଧରେ ପ୍ରତିଯୋଗିତା ଆରମ୍ଭ ହୋଇଗଲା, ପିୟୁଷଙ୍କ ଅନୁମାନ ଠାରୁ ଯଥେଷ୍ଟ ଭଲ କରି ତାଙ୍କ ଯୋଡ଼ି ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନରେ ରହିଲା । ଯେତେବେଳେ ଦୁଇଜଣଙ୍କ ନାମ ଘୋଷିତ ହେଲା ସୁକନ୍ୟା ଦୌଡ଼ି ଆସି ତାଙ୍କୁ କୁଣ୍ଢେଇ ପକାଇଲେ, ଦୁଇ ଜଣଙ୍କ ଆଖିରେ ଅଶ୍ରୁ ଥିଲା, ସେହି କ୍ଷଣକୁ ଭୁଲିହବନି ସତେ ଯେମିତି ସେମାନେ ପୁଣି ତାଙ୍କ ଅତୀତକୁ ଫେରି ଯାଇଛନ୍ତି ଓ ସେ ପା    ବର୍ଷ ତଳର ନବବିବାହିତ ଦମ୍ପତ୍ତିରେ ପାଲଟି ଯାଇଛନ୍ତି ଦୁଇଜଣ ।

ଏହି ଘଟଣା ଟି ପିୟୁଷଙ୍କ ଜୀବନକୁ ଏକ ନୂତନ ମୋଡ ଦେଇଥିଲା, ସେ ନିଜକୁ ପୁଣି ଥରେ ଖୋଜି ପାରିଥିଲେ ସୁକନ୍ୟା ସହିତ ତାଙ୍କର ସମ୍ପର୍କ ଆହୁରି ନିବିଡ଼ ହୋଇ ଯାଇଥିଲା ଓ ବିବାହ ବେଦୀରେ ନେଇଥିବା ପ୍ରତ୍ୟେକ ଶପଥକୁ ସ୍ୱାମୀସ୍ତ୍ରୀ ଉଭୟେ ପୂର୍ଣ୍ଣମାତ୍ରାରେ ନିଭେଇ ବା ପାଇଁ ସଙ୍କଳ୍ପ କରିଥିଲେ ।

ଫ୍ଲାଟ୍-୫୯୩, ବସନ୍ତ କୁଞ୍ଜ, ନିଉ ଦିଲ୍ଲୀ

୦୦୦



# ବିଡ଼ମ୍ବନା

*- କୁନଲତା ତ୍ରିପାଠୀ*

ଭାଗ୍ୟର ବିଡ଼ମ୍ବନା, କେଉଁ ଅତୃପ୍ତ ଦେବତାଙ୍କ ଅଭିସାପର ଫଳ କିମ୍ବା ପ୍ରରବ୍ଧର ଭୋଗ କିଛି ଭାବି ପାରେନା 'ଜିତା' ପରିପୂର୍ଣ୍ଣ ଯୌବନକୁ ଉପଭୋଗ କରିବା ସମୟରେ, ବୈଧବ୍ୟ ଯନ୍ତ୍ରଣା କେତେ ଯେ ଉତ୍କଟ ଯିଏ ଅଙ୍ଗେ ନିଭେଇଛି ସେ ଜାଣିଛି । ଆଖି କୋଣର ଲୁହ ଶୁଖୁନି । ଯେତେବେଳେ ଯୌବନର ଜୁଆରିଆ ଢେଉ ଖେଳୁଥିଲା ସେ ଦେହରେ, ସେତେବେଳେ ତା'ର ଦୁଃଖଦ ଅବସ୍ଥା ।

ସେମିତି ଭଲ ପାଠ ହୁଏନା ବୋଲି ବାପା ତାକୁ ଖୁବ୍ କମ୍ ବୟସରୁ ବାହା ଦେଇଥିଲେ । ଜିତା ଦେଖିବାକୁ କୁଆଡେ ସରଗର ପରିଟେ ପରି । ବାପା ମା'ଙ୍କର ଗେହ୍ଲା ଝିଅ । ଯାନି ଯୌତୁକ ଦେବାରେ ହେଳା କରି ନଥିଲେ ବାପା । ତେଣୁ ଅକ୍ଲେଶରେ ବିଦ୍ୱାନ ଚାକିରିଆ ଜ୍ୱାଇଁ ମିଳିଗଲା । ରାଜକୁମାର ପରି ଚେହେରା, ଆକର୍ଷଣୀୟ ବ୍ୟକ୍ତିତ୍ୱ । ବାହାଘର ବର୍ଷେ ନ ପୁରୁଣୁ କୋଳପୂର୍ଣ୍ଣ କରି ଦେବଶିଶୁ ପରି କନ୍ୟା ସନ୍ତାନଟିଏ । ପ୍ରାପ୍ତ ହେଲା କଣ । ପରବର୍ଷ ପୁଣି ପୁତ୍ର ସନ୍ତାନର ପ୍ରସବ । ସବୁ ସୁଖ, ସବୁ ଆନନ୍ଦ ଯେମିତି ଯେମିତି ଅଜାଡ଼ି ହୋଇ ପଡ଼ିଲା ତା ଉପରେ । ଅଥଚ ଏତେବଡ଼ ସୁଖ ସଂସାରକୁ ଭଗବାନ ସହି ପାରିଲେନି ବୋଧେ । ଅଚାନକ ସ୍ୱାମୀଙ୍କର ଅକାଳ ବିୟୋଗ ତା ଜୀବନ ଦରିଆରେ ଜୁଆର ବଦଳରେ ଭଟ୍ଟା ପକାଇ ଦେଲା । ପାଣି ଫୋଟକା ପରି ତାର ସାମୟିକ ଆନନ୍ଦ କ୍ଷଣ ଭଙ୍ଗୁର ଦୁନିଆରେ ଜଡ଼ତାରେ ଅନିତ୍ୟ ପ୍ରମାଣିତ ହେଲା । ଆକସ୍ମିକ ଭାବେ ଘଟଣା ବହୁଳ ଜୀବନ ମଧ୍ୟରେ ଅନେକ ଅଘଟଣକୁ ସାମ୍ନା କଲାଣି ସେ । ଯିଏ ଦିନେ ଘରର ଚାରିକାନ୍ଥ ଡେଇଁ ବାହାର ଦୁନିଆଁକୁ ପାଦ କାଢ଼ିବାକୁ ପସନ୍ଦ କରୁନଥିଲା । ଏବେ ତା ଉପରେ ଗୋଟେ ପରିବାର ଚଳାଇବାର ଗୁରୁ ଦାୟିତ୍ୱ । ଗାଁରୁ ସହର, ସହରରୁ ଗାଁ । ବାପ ଭାଇ ଶାଶୁ ଶ୍ୱଶୁର, କେତେଦିନ ଅବା ସାହାଯ୍ୟ କରିପାରିବେ ? ଆର୍ଥିକ ସଙ୍କଟ ଦେଖା ଦେବା ସ୍ୱାଭାବିକ ।

ଜିତା ତା ନିଜ ଗୋଡ଼ରେ ଠିଆ ହେବାକୁ ସଂକଳ୍ପ କଲା । ଅନୁକମ୍ପା ମୂଳକ ନିଯୁକ୍ତି ଜରିଆରେ ସରକାରୀ ଚାକିରୀ ଖଣ୍ଡକ ଅବଶ୍ୟ ହାତଛଡ଼ା କରିବାକୁ ପଡ଼ି ନଥିଲା ତାକୁ । ଜ୍ଞାନ, ବୁଦ୍ଧି ଖଟାଇ ମାଡ଼ି ମକଚି ଆଗକୁ ମାଡ଼ିଯିବାର ଚେଷ୍ଟା । ଦୁଇ ଦୁଇଟା ବାପ ଛେଉଣ୍ଡ ପିଲାଙ୍କର ଭବିଷ୍ୟତ ତା ହାତରେ । ଆଜି କାଲିକା ଯୁଗରେ ପେଟକୁ ମୁଠେ ଦାନା, ଦେହକୁ ଖଣ୍ଡେ କନା ହୋଇଗଲେତ ଚଳିବ ନାହିଁ, ଉପଯୁକ୍ତ ଶିକ୍ଷା, ସଭ୍ୟତା ଓ ସଂସ୍କୃତିରେ ଜୀବନର ମାନଦଣ୍ଡ ମାପିବାକୁ ପଡ଼ିବ । ତେବେ ସିନା ଅନ୍ୟମାନଙ୍କ ସହିତ ପାଦ ମିଳାଇ ସେମାନେ ଆଗକୁ ଚାଲିପାରିବେ ।

"ଅବିଦ୍ୟା ଜୀବନଂ ଶୂନ୍ୟଂ, ଦିଗଶୂନ୍ୟଂ ଚ ବାନ୍ଧବାଃ ।

ଅପୁତ୍ରିକ ଗୃହ ଶୂନ୍ୟଂ, ସର୍ବ ଶୂନ୍ୟଂ ଦରିଦ୍ରତା ।।"

ପିଲାମାନଙ୍କ ପାଇଁ ଆର୍ଥିକ ସୁବିଧା ହେଉ । ସେମାନେ ଦାରିଦ୍ର୍ୟତା କରାଘାତରେ ପୀଡିତ ନ ହୁଅନ୍ତୁ । ଏହାହିଁ ଜିତାର ମହତ୍ ଲକ୍ଷ । ଯନ୍ତଟିଏ ପରି ଅଫିସ୍, ଅଫିସରୁ କ୍ୱାର୍ଟର, ତା ସହିତ ବଜାର ସଉଦା, ପିଲମାନଙ୍କ ପାଠ ପଢ଼ା, କେମିତି ଧରାବନ୍ଧା ନିୟମରେ ପଡି ଗଲାଣି । ପିଲାମାନଙ୍କ ମୁହଁରେ ହସ ଟିକେ ଦେଖିବାକୁ ତା ହୃଦୟ ଚିର ବ୍ୟକୁଳ । ତଥାପି ପିଲାମାନେ, ତାଙ୍କର ବାପାଙ୍କର ଅନୁପସ୍ଥିତକୁ ଅନୁଭବ କରନ୍ତି । ସେମାନଙ୍କ ଦରୋଟି ତୁଣ୍ଡର ଭାଷା, ବୁଝି ନ ବୁଝିବାର ଅଭିନୟ କଲେ ବା, ନିଜକୁ ସାନ୍ତ୍ୱନା ଦେଇ ପାରେନି ଜିତା । କେଉଁ ଯୁଗଯୁଗର ଯନ୍ତ୍ରଣାର ବୋଝ ଯେମିତି ମୁଣ୍ଡରେ ଲଦି ହୋଇପଡ଼େ ତା'ର । କେଉଁ ଅଦମ୍ୟ ପିପାସା ତାକୁ ଉତ୍କଣ୍ଠିତ କରେ ।

କେଉଁ ଆସନ୍ନ ବିପଦର ଆଶଙ୍କାରେ ଆତଙ୍କିତ ହୋଇପଡ଼େ ସେ । କେଉଁ ଆଦିମ ଯୁଗର କ୍ଷୁଦା ତାକୁ ଅଥୟ କରେ । ପିଲାମାନଙ୍କୁ ଧୋ ବାଇଆ ଗୀତ ବୋଲି କୋଳରେ ଶୁଆଇ ଦେଲେ ବି, ରାତି ରାତି ଉଜାଗର ରହିବାକୁ ପଡେ ତାକୁ । ମଣିଷର ଗୋଟେ ସହଜାତ ପ୍ରବୃତ୍ତି ଅଛି, ତାକୁ ଚରିତାର୍ଥ କରିବାକୁ ମଣିଷ ଲାଳାୟିତ ହୁଏ । ସୁଯୋଗକୁ ହାତଛଡ଼ା ନ କରି ପାଇଲା ମାତ୍ରେ, ସେଥିରୁ ଲାଭ ଉଠାଇବାକୁ ଚେଷ୍ଟା କରେ । କିନ୍ତୁ ସ୍ୱୟଂ ଭଗବାନ ଯେତେବେଳେ ପକ୍ଷପାତିତା କରନ୍ତି, ମଣିଷଟା ନିସ୍ୱ ହୋଇପଡ଼େ ତା'ର ନିଜତ୍ୱ ହରାଇ ବସି, ସେ କ୍ରିଡନକ ସାଜେ । ପ୍ରକୃତି ବିରୁଦ୍ଧରେ ସ୍ୱର ନ ଉଠାଇଲେ ବି ନିଜର ବ୍ୟର୍ଥ ଜୀବନକୁ ଜିତା ସଂଯତରେ ରଖେ । "ଥିଲେ ଆଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର" । ଦିନକୁ ଦିନ ଚରିତ୍ର ପ୍ରତି ସଚେତନ ହୋଇପଡେ ସେ । "ଋଣ କର୍ତ୍ତା ପିତା ଶତ୍ରୁ, ମାତା ଚ ବ୍ୟଭିଚାରିଣି" । ପିଲାମାନଙ୍କ ପାଖରେ ନିଜକୁ ସମୟକୁ ଛୋଟ କରିଦେବାକୁ ଚାହେଁନା ସେ । ଚାକିରି କଲାପରେ ଅନେକ ତା ପିଛା କରିଛନ୍ତି । ଶଙ୍ଖା, ସିନ୍ଦୁରର ଲୋଭ ଦେଖାଇ ଆଉ ଗୋଟେ ନୂଆ ସଂସାର ଗଢ଼ିବାର ସ୍ୱପ୍ନ ଦେଖାଇଛନ୍ତି । ମାତ୍ର ଯେତେ ପ୍ରବର୍ତ୍ତାଇଲେ ବି ଖୁବ୍ ସହଜରେ ଏଡି ଦେଇଛି ଜିତା । ଏହି କ୍ଷଣସ୍ଥାୟୀ ଜୀବନରେ, ଯୌବନ ଯେ ଚିରସ୍ଥାୟୀ ନୁହେଁ, ଏ କଥା ତ ତାକୁ ବୁଝାଇବାକୁ ପଡ଼ିବନି ।

ଚାହୁଁ ଚାହୁଁ ୟା ଭିତରେ ଅନେକ ଦିନ କଟି ଗଲାଣି । "ମମ' ଆଇ. ସି.ଏସ୍.ଇ.ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି । ପୁଅ ଲିଟୁ ଆର ବର୍ଷକୁ ଆଇ.ସି.ଏସ୍.ଇ ପରୀକ୍ଷା ଦେବ । ଝିଅ ପିଲାଟା, ଉଚ୍ଚ ଶିକ୍ଷା ପାଇଁ ବିଷୟ ବାଛିବାକୁ ହେବ । ତା ପାଇଁ ପୁଣି ଆଡ଼ମିଶନ । ଅବଶ୍ୟ ସଞ୍ଚିତ ଟଙ୍କା ଅଛି, ହେଲେ ଲୋକବଳ କାହିଁ ? ଘୋଡ଼ା ଦୌଡ଼ରେ ସାମିଲ୍ ହୋଇ ଅନେକଥର ଯିବା ଆସିବା କରିବାକୁ ପଡ଼ିବ ।

ପାଣିବାବୁ ଅଫିସ୍‌ରେ ନୂଆ ଯୋଗ ଦେଇଛନ୍ତି, ଜାଣିବା ଶୁଣିବା ଲୋକ । ଅଫିସ କାର୍ଯ୍ୟରେ ଯେମିତି ଦକ୍ଷତା, ଅନ୍ୟାନ୍ୟ କାମରେ ବି ସେମିତି ଦକ୍ଷ । ନେଇ ଆଣି ଥୋଇଲା ବାଲା, ବ୍ୟବହାରରେ ସମସ୍ତଙ୍କୁ ମୁଗ୍ଧ କରନ୍ତି ସେ ।

ଅଫିସରେ ସମସ୍ତେ ତାଙ୍କୁ ସମ୍ମାନ ଦିଅନ୍ତି । ହାକିମ ହୁକୁମାମାନଙ୍କର ଡକରା ପଡେ ତାଙ୍କୁ ।

ଝିଅର ଆଡ୍‌ମିଶନ କଥାଟା ତାଙ୍କୁ କହିବ କହିବ ହୋଇ କହି ପାରୁନଥିଲା ଜିତା । ଆଜି ପର୍ଯ୍ୟନ୍ତ ଯେତେ ଅସୁବିଧାରେ ପଡିଲେ ବି କାହାକୁ ତୁଣ୍ଡ ଖୋଲି ସାହାଯ୍ୟ ମାଗିବାକୁ କୁଣ୍ଠାବୋଧ କରେ ସେ । "ଆସରଣୁ ଶ୍ରୀକୃଷ୍ଣ ଗଧ ପାଦ ଧରିଥିଲେ । ଅବଶ୍ୟ ବଡ଼ଦିଦିଙ୍କ କାନରେ ସମସ୍ୟାଟା ପକାଇଛି ଜିତା ।

"ଓଃ ଏଇ ସାମାନ୍ୟ କଥା । ତୁମେ ଆମ ପାଣିବାବୁଙ୍କୁ କହୁନ । କାମ ତ ତା ବାଟରେ ଆପେ ହେବ ।"ବଡ଼ ପାଟିରେ ପାଣିବାବୁଙ୍କୁ ଶୁଣାଇ ଶୁଣାଇ କହିଲେ ବଡ଼ଦିଦି ।

ସାହାଯ୍ୟର ହାତ ଅକୁଣ୍ଠରେ ଲମ୍ବାଇ ଦେଇଥିଲେ ପାଣିବାବୁ । ମୁଁ କଅଣ ତୁମର ବଡ଼ଭାଇ ନୁହେଁ । ଯେତେବେଳେ ଯୋଉ କାମରେ ଦରକାର ପଡ଼ିବ, ବିନା ସଙ୍କୋଚନରେ ମତେ ଜଣାଇବ । ଏ ଦୁନିଆରେ କିଛି ଅସମ୍ଭବ ନୁହେଁ । ଦାୟିତ୍ୱ, କର୍ତ୍ତବ୍ୟ ନିଷ୍ଠ ହେଲା ବଡ଼ କଥା ।"

କାହାର ଅନୁକମ୍ପାର ପାତ୍ରି ହେବାକୁ ଜିତା ଘୃଣା କରେ, କିନ୍ତୁ କାଳର କରାଳ ହାତ ମୁଠାରେ ପରିସ୍ଥିତିର ଚାପ, ମଣିଷକୁ କରିଦିଏ ନିସ୍ୱ, ତେଣୁ ଅନ୍ୟର ସହଯୋଗ କାମନା କରେ ସେ । ପରସ୍ପରର ସମ୍ବନ୍ଧ, ସାହାଚର୍ଯ୍ୟ, ତ୍ୟାଗ ଏ ଦୁନିଆଁରେ ନନ୍ଦିଘୋଷକୁ କରେ ଅଗ୍ରଗାମୀ ।

ବର୍ତ୍ତମାନ ପାଣିବାବୁଙ୍କର ଅକୁଣ୍ଠ, ଅନାବିଳ ସାହାଚର୍ଯ୍ୟରେ ବଡ଼ ବଡ଼ ଦାୟିତ୍ୱର ବୋଝ ମୁଣ୍ଡରୁ ଖସାଇ ଚାଲିଛି ଜିତା । ବେଶ୍ ହାଲ୍‌କା ଲାଗୁଛି ତାକୁ । ରିକ୍‌ସା, ଅଟୋରିକ୍‌ସା ଛଡ଼ା ଦିନେ, ଅନ୍ୟର ଗାଡ଼ି ପଛରେ ବସି ଅଫିସ ଆସିବାକୁ ପସନ୍ଦ କରୁ ନଥିବା ଜିତା ଏବେ ଅନେକ ସମୟରେ ପାଣିବାବୁଙ୍କ ବାଇକ୍‌ରେ ବସି ସହରର ବିଭିନ୍ନ ଜାଗାକୁ ଯାଏ । ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦିଏ । କୂପ ମଣ୍ଡୁକର ଆଖ୍ୟା କଟି ଗଲାଣି ତା'ର । ପିଲାମାନେ ବି ଅଙ୍କଲଙ୍କର ସାହାଯ୍ୟରେ ଯଥେଷ୍ଟ ଉପକୃତ ହୁଅନ୍ତି ।

ଇଂଜିନିୟରିଂ କଲେଜରେ ଆଡ୍‌ମିଶନ୍ ନେଇଛି ମମ । ମେଧାବୀ ଛାତ୍ରୀ ହିସାବରେ ବେଶ୍ ନା କଲାଣି ସେ । ତଥାପି ଏ ବୟସରେ ପିଲାଙ୍କୁ ଜଗିବାକୁ ପଡେ । ଯେହେତୁ ଯୌବନର ପ୍ରଥମ ପାହାଚରେ ଗୋଡ଼ ଖସିଯିବାର ଯଥେଷ୍ଟ ସମ୍ଭାବନା ଥାଏ । ଝିଅ ମମକୁ ପରୋକ୍ଷରେ ଜିତା ସଚେତନ କରାଏ । ପାଣିବାବୁଙ୍କୁ ଅଭିଭାବକ ହିସାବରେ ମମର ସବୁ ଦାୟିତ୍ୱ ଦେଲେ ବି ନିଶ୍ଚିତ ହୋଇ ବସି ପାରେନା ସେ । ଅନ୍ୟ ଉପରେ ଏତେଟା ନିର୍ଭରଶୀଳ ହେବାକୁ ପସନ୍ଦ କରେନା ସେ । କେମିତି ମାଡ଼ି ମାଡ଼ି ପଡେ ତାକୁ । ଯେଝା ଦାୟିତ୍ୱ ଯେଝାକୁ ବଳି । ପାଣିବାବୁଙ୍କର ସ୍ତ୍ରୀ ପିଲାଙ୍କୁ ନେଇ ଗୋଟେ ପରିବାରର ଦାୟିତ୍ୱ ଅଛି । ଯେଉଁଠି ନିଜ ବାପ-ଭାଇ ଦାୟିତ୍ୱ ନେବାକୁ ଅନିଚ୍ଛୁକ, ଅନ୍ୟ ଉପରେ ନିର୍ଭର କରିବା କେତେଦୂର ଯଥାର୍ଥ ? ପଢ଼ାବେଳର ଗୋଟେ ହିତବାକ୍ୟ ମନକୁ ଆସେ । ମାତ୍ର

"ପରୋପି ହିତବାନ ବନ୍ଧୁ

ବନ୍ଧୁରପ୍ୟ ହିତ ପରମ

ଅହିତ ଦେଇଜ ବ୍ୟାଧି

ହୀତଂ ଅରଣ୍ୟମୌଷଧମ୍"

ପରଲୋକ ନିଜର ହୋଇପାରେ, ନିଜଲୋକ ମଧ ପରହୋଇପାରେ । ଏହା ଶାସ୍ତ୍ର ବଚନ, ତେଣୁ ପାଣିବାବୁ ପରଲୋକ ହୋଇ ମଧ ତାଙ୍କର ଏତେ ଆତ୍ମୀୟତା ଭାବ । ଏମିତି ପରୋପକାରୀ ଲୋକତ କୋଟିକରେ ଗୋଟିଏ ।

ସେଦିନ ଅଫିସରୁ ଫେରିବା ବାଟରେ ପାଣିବାବୁ ଜିତାକୁ ବିଶ୍ୱସ୍ତ ଭାବରେ କିଛି ଏକାନ୍ତରେ କହିବାକୁ ଚାହିଁବାରୁ ଚମକି ପଡିଥିଲା ସେ । ଯାହା ପୁଅକୁ ସାପ କାମୁଡିଛି, ତା ମା ପାଳ ଦଉଡ଼ି ଦେଖିଲେ ଡରେ । କେତେକଅଣ ଭାବି ଯାଉଥାଏ ଜିତା । ଝିଅ ଠାରୁ ଆରମ୍ଭ କରି ପୁଅ ପର୍ଯ୍ୟନ୍ତ "ହେ ଭଗବାନ, ତୁମ ଇଛା ପୂର୍ଣ୍ଣ ହେଉ, ତୁମେ ତ ଇଛାମୟ । ସାରା ସଂସାରର ଆତଜାତ ତୁମ ଇଛାରେ ଚାଲେ ।"

ପାଣିବାବୁ ଆରମ୍ଭ କଲେ - "ତୁମକୁ ମୋର ଅନେକ କିଛି କହିବାକୁ ଅଛି ଜିତା । ହେଲେ ସାହାସ ହଉନି, କାଳେ ତୁମେ ମତେ ଭୁଲ୍ ବୁଝି ପାର ।"

"ନା ନା କଦାପି ନୁହେଁ । ଯିଏ ଅଫିସ ଠାରୁ ଘର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବିନା ପ୍ରତ୍ୟାଶାରେ ସାହାଯ୍ୟ କରି ଅସୁଛନ୍ତି, ତାଙ୍କୁ ଭୁଲ୍ ବୁଝିବାର ଆବଶ୍ୟକତା ନାହିଁ । ? ଜିତା କାଳ ବିଳମ୍ବ ନ କରି ପାଣି ବାବୁଙ୍କ ପ୍ରତି ତା'ର ଆନୁଗତ୍ୟତା ପ୍ରକାଶ କଲା ।

"ତୁମ ପ୍ରତି ମୋର ଗୋଟେ ଦୁର୍ବଳତା ଅଛି, ତୁମ ନାରୀତ୍ୱ ମତେ ବିମୋହିତ କରେ । ଏ ସମ୍ପର୍କ କେବଳ ତୁମ ମନ ସହିତ ନୁହେଁ, ଦେହ ସହିତ ମଧ ସ୍ଥାପିତ ହେବା ଦରକାର । ଏଥିରେ ତୁମର ଆନ୍ତରିକ ସମର୍ଥନ ମୋର ଏକାନ୍ତ ଆବଶ୍ୟକ ।"

ଆକସ୍ମିକ ଭାବେ, ଦେହ, ମନରେ ଶିହରଣ ବଦଳରେ ଏକ ଶୀତକାର ଅନୁଭବ କଲା ଜିତା । ତା ନିଜ ବୟସ ପ୍ରତି ସଚେତନ ହୋଇ ପଡ଼ିଲା ସେ । ବୟସ ତା'ର ଚାଳିସ ଟପି ସାରିଲାଣି । ବିଗତ ଯୌବନରେ ଗୋଟେ ବିଧବା ପ୍ରତି ଯେ, କାହା ମନରେ ଦରଦ ବଦଳରେ ଦୈହିକ ଆକର୍ଷଣ ଥାଇପାରେ, ଏହା ବିଶ୍ୱାସ କରି ପାରୁନଥିଲା ସେ । ମାଂସ ଖିଆ ଛ ଞ ।ଣ ପକ୍ଷି ପାଖରେ ନିରୀହ ପାରାଟେ ପରି । ନିଜକୁ ଯଥେଷ୍ଟ ନଗ୍ନ ଅନୁଭବ କଲା ସେ । ସରମର ଝାଳରେ ଗାଧେଇ ପଡିବାକୁ ହେଲା ତାକୁ । ପ୍ରତିବାଦର ସ୍ୱର ଉଠାଇବାକୁ ଚାହିଁ ମଧ ବାଷ୍ପରୁଦ୍ଧ କଣ୍ଠରେ ନୀରବ ରହିବାକୁ ଏକ ରକମ ବାଧ ହେଲା ଜିତା । ବାଇକ୍‌ରୁ ଓହ୍ଲାଇ ରିକ୍‌ସାରେ କଲୋନୀ ମୁହାଁ ଧରିଥିଲା । ସେ ପଛକୁ ନ ଚାହିଁ ।

ରାତ୍ରିର ବିଳମ୍ବିତ ପ୍ରହରରେ ଫୋନ୍ ରିଙ୍ଗ୍ ହେଲା । ସବୁତକ ସାମର୍ଥ୍ୟ ଖଟାଇ ମଧ ଶଯ୍ୟା ଛାଡ଼ି ପାରିଲାନି ଜିତା । ବାରମ୍ବାର କ୍ରିଂ କ୍ରିଂ ହୋଇ ଫୋନ୍‌ଟା ଆପେ ଆପେ କଟିଗଲା । ଦେହ ମନରେ ଏକ ଅବ୍ୟକ୍ତ ଯନ୍ତ୍ରଣା, ଖୁବ୍ ଅବଶ ଲାଗୁଥିଲା ତାକୁ ।

ଅସୁସ୍ଥତା ଦର୍ଶାଇ ପରଦିନ ଛୁଟିନେଲା ଜିତା । ଅବଶ ଦେହ ମନକୁ ଚେଷ୍ଟା କରି ବି ଚଳ ଚ ଞ ଳ

କରି ପାରିଲାନି । ମୁହଁରେ ଏକ ଉଦାଶ ଭାବ । ଏକ ଆସନ୍ନ ଝଡ଼ ଝଞ୍ଜାର ଯେମିତି କବଳିତ ସେ ।

ଉଚ୍ଚ ଶିକ୍ଷିତା ସହପାଠିନୀ ବାନ୍ଧବୀର ରସଭାସ କଥା ତା ମନକୁ ଆନ୍ଦୋଳିତ କଲା । ଶୃଙ୍ଗାର ରସର ପ୍ରତିପାଦିତ ହୁଏ, ଯେତେବେଳେ ପ୍ରେମ ଗଢ଼ିଉଠେ ଦୁଇ ସମକକ୍ଷ ଓ ସମକକ୍ଷ ଯୁବକ ଯୁବତୀଙ୍କ ମଧ୍ୟରେ ସଂପର୍କ ସ୍ଥାପିତ କରି । ପ୍ରେମି ଯୁଗଳଙ୍କ ମଧ୍ୟରେ ମିଳନ ଯେତିକି ବିଚ୍ଛେଦ ମଧ୍ୟ ସେତିକି ଆନନ୍ଦ ସୃଷ୍ଟି କରେ । ଶୃଙ୍ଗାର ରସର ସାର୍ଥକତା ପ୍ରମାଣିତ ହୁଏ । ମାତ୍ର ପ୍ରେମ ଯେତେବେଳେ ଶାସ୍ତ୍ର ବିରୁଦ୍ଧ ଦୁଇ ଚରିତ୍ର ମଧ୍ୟରେ ସ୍ଥାପିତ ହୁଏ ସେଥିରେ ରସ ସୃଷ୍ଟି ବଦଳରେ ରସାଭାଗ ସୃଷ୍ଟି ହୁଏ । ଏହି ଚରିତ୍ରମାନଙ୍କୁ ସମାଜ ଘୃଣ୍ୟ ଚକ୍ଷୁରେ ଦେଖେ ।

ଯୌବନର ଉତ୍ତରାର୍ଦ୍ଧରେ ପଦାର୍ପଣ କରିଥିବା ଛାର ଗୋଟେ ବିଧବା ପ୍ରତି ଏତେ ଆଶକ୍ତି କାହିଁକି ? ଏହାର ଅର୍ନ୍ତନିହିତ ଉଦ୍ଦେଶ୍ୟ କଅଣ । ଅନିଦ୍ରାରେ ଅନିଦ୍ରାରେ ପାହିଗଲା ରାତି । ପରଦିନ ଅଫିସ କାମରେ ମନ ଲାଗୁ ନଥିଲା ଜିତାର । ହଠାତ୍ ଅଚେତ ହୋଇ ପଡିଗଲା ସେ । ମୁହଁରେ ପାଣି ଛିଞ୍ଚି ସାଷ୍ଟାମ କରାଗଲା ତାକୁ । ବଡ଼ବାବୁ କହିଲେ "ପାଣିବାବୁ, ଆପଣଟିକେ ଜିତାକୁ ନେଇ ଘରେ ଛାଡ଼ି ଦିଅନ୍ତୁ, ବିଚାରି ବଡ଼ ଅସୁସ୍ଥ ଅଛି ।" "ବାଘ ମୁହଁରେ ଶିକାର" । ମୁହଁ ଖୋଲି ମନାକରିପାରିଲାନି ଜିତା । ସେ ତ ଆଉ ପୁରାଣ ପୃଷ୍ଠାର ସତୀ ଅନସୂୟା ନୁହେଁ, ଯେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ତା'ର ସତୀତ୍ୱର ପରାକାଷ୍ଠାରେ ପୁତ୍ର (ଶିଶୁ) ବନାଇ ନିଜ ବକ୍ଷ ଦେଶରୁ ଅମୃତ ଝରାଇ ସେମାନଙ୍କୁ ତୃପ୍ତ କରିଦେବ । ସାମାନ୍ୟ ସାଧାରଣ ନାରୀଟିଏ ସେ, ଯାହାର କାମନା, ବାସନା ଅଛି । କେଉଁ ଦୁର୍ବଳ ମୁହୂର୍ତ୍ତରେ ଅବସନ୍ନ ଦେହମନ ତାର ବୋଲ ନ ମାନି ପରେ । ପ୍ରତି ପଦକ୍ଷେପରେ ଗୋଡ ଖସି ଯିବାର ଯଥେଷ୍ଟ ସମ୍ଭାବନାକୁ ହୁଏତ ଏଡେଇ ଦେଇ ହୁଏନା ।

ବାଟଯାକ ପଦୁଟିଏ କଥା ହେବାର ସୁଯୋଗ ସୃଷ୍ଟି କରି ନଥିଲା ଜିତା । ଭଲ, ମନ୍ଦ, ଉଭୟ ଦୃଷ୍ଟିରୁ ବିଚାର କରି ଦିନେ ପାହାଡ଼ି ଝରଣାଟି ପରି କଳକଳ ଛଳ ଛଳ ନାଦରେ ବହିଯାଉଥିବା ଜିତା ଏବେ ବେଶ୍ ଗମ୍ଭୀର ବେଶ୍ ସ୍ଥିର ସାଧାରଣ ପୁଷ୍କରିଣିଟିଏ ପରି ।

କଲିଂବେଲ୍ ମାରିଲେ ପାଣିବାବୁ ଭିତରେ ପଟୁ କୌଣସି ଆବାଜ ନାହିଁ ।

"ଓଃ ସାମ୍ନା ପଟୁ ତାଲା ପଡିଛି, ପଡ଼ୋଶୀ ଘରେ ଚାବି ଦେଇ ଲିଟୁ କ୍ରିକେଟ୍ ଖେଳି ଯାଇଛି ।"

"ମୁଁ ଏବେ ରହୁଛି । ଆପଣ ଆସି ପାରନ୍ତି ।" ଜିତା ପାଟି ଖୋଲି ପାଣିବାବୁଙ୍କ ଉଦ୍ଦେଶ୍ୟରେ କହିଲା ।

ପାଣିବାବୁଙ୍କର ମତଲବଟା ଯେ ଭଲ ନୁହେଁ, ଏ କଥା କେହି ନ ଜାଣିଲେ ବି ଜାଣିଛି ଜିତା । ହୁଏତ ଏକାନ୍ତରେ କିଛି ଦୁର୍ଘଟଣା ଘଟିଯିବା ଆଗରୁ ସତର୍କ ହୋଇ ତାଙ୍କର ସେ ମନ୍ଦ ଉଦ୍ଦେଶ୍ୟ ଠାରୁ ଦୂରରେ ରହିଲା ଜିତା ।

ପାଣିବାବୁ ଫେରି ଯିବା ପାଇଁ ଗାଡ଼ି ଷ୍ଟାର୍ଟ କରିବାକୁ ଗଲେ ସେ । ଏଇ କେତେଦିନ ହେବ ଘୃଣା

ଆସୁଥିବା ପାଣିବାବୁଙ୍କ ପ୍ରତି ହଠାତ୍ ଏକ ଦରଦ ଅନୁଭବ କଲା ଜିତା, ମନଟା ଦ୍ରବୀଭୁତ ହୋଇପଡ଼ିଲା ।

"ହାଲୋ ଅଙ୍କଲ - ଆପଣ ଫେରି ଯାଉଛନ୍ତି ଯେ, ଜରୁରୀ କାମରେ ହଷ୍ଟେଲ ଛାଡ଼ି, ମୁଁ ଆପଣଙ୍କ ପାଖକୁ ଆସିଛି । ଓଃ କି ସ୍ୱାଭାଗ୍ୟ, ହଜିଲା ବଳଦ ଖୋଜିଲା ବେଳେ ।"

ସାମ୍ନାରେ ମନା, ତା'ର ପୁଣି ପାଣିବାବୁଙ୍କ ସହିତ କି ଜରୁରୀ କାମ ?

ହାଏ ମମ୍! ବେଶ୍ ଅନ୍ତରଙ୍ଗ ଭାବେ ସେମାନେ ଭାବର ଆଦାନ ପ୍ରଦାନ କଲେ । ପାଣି ବାବୁଙ୍କ କାନ୍ଧରେ ଓହଳି ପଡି ତାଙ୍କୁ ଆଲିଙ୍ଗନ ପୂର୍ବକ ନାଚି ଉଠିଲା ମନା । ଓଃ ଅଙ୍କଲ ! - ଆଜି ମୁଁ ଆପଣଙ୍କୁ ଖୁବ୍ ମିସ୍ କରୁଥିଲି । କାମଟା ହୋଇଯିବ ନିଶ୍ଚୟ । ଏଇ ଆଲବମ୍ ଅଫରଟା ମତେ ହିଁ ମିଳିବ । ମୋ ଛଡ଼ା ଅନ୍ୟ କାହାକୁ ନୁହେଁ ।

ଏ କ'ଣ ହଉଛି ମନ ! ତୁ ପରା ବଡ଼ ଝିଅଟେ ହେଲୁଣି । ଟିକେ ସଂଯତ୍‌ରେ କଥାବାର୍ତ୍ତା କର୍ ।

"ଓଃ ! ନୋ ମମି ! ଡୋଣ୍ଟ୍ ଫିଲ ଆଡଭର୍ସ ଦିସ୍ ଇଜ୍ ଦ ମଡର୍ଣ୍ଣ ଏଜ୍ ।" ଖୁବ୍ ହାଲ୍‌କା ଭାବରେ ଜିତାକୁ ଉତ୍ତର କଲା ମନା ।

"ପ୍ରଥମ ଆଲବମ୍‌ରୁ ହିଁ ଚୁଲ୍‌ବୁଲି ନାୟିକା ହିସାବରେ ତୁମେ ତ ହିଟ୍ ଲିଷ୍ଟରେ ଟପର ଅଛ । ଆଉ ସିନେମା ହିରୋଇନ୍ ପାଇଁ ଅଫର ଟା ଯାହା ବାକି ରହିଲା ।"

ପାଣିବାବୁ ମନ୍ତବ୍ୟ ଦେଲେ । କୃତ୍ୟ କୃତ୍ୟ ହୋଇପଡ଼ିଲା ମନା । "ଏ ସବୁ ତ ଆପଣଙ୍କ ଯୋଗୁଁ ସମ୍ଭବ ହେଲା ।

ଇଂଜିନିୟରିଂ ପଢ଼ା ଭିତରେ ମନା ଯେ ଆଲ୍‌ବମରେ ଅଭିନୟ କଲାଣି । ଏ କଥା ଜଣା ନିଥିଲା ତାକୁ ।

"କୂଳ ଛାଡ଼ିଲେ କି କରଇ ନାଆ
ଖୀର ଛାଡ଼ିଲେ କି କରଇ ମାଆ"

କଅଣ ଚାହୁଁଥିଲା ଜିତା, ଆଉ ଆଜି ସବୁ ଏ କଅଣ ହୋଇ ଯାଉଛି ? ଏ ତା ପ୍ରାରବ୍ଧର ଫଳ ନାଁ ଭାଗ୍ୟର ବିଡ଼ମ୍ବନା ।

ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ-୧
ଫୋନ୍ - ୮୩୩୯୦୫୧୧୭୩

--୦-୦-୦--


Admission Open
What it takes to become an achiever ?
Join ROUT CLASSES Today
+2 Sc. I CBSE (XI & XII) I JEE (Main & Adv.)
NEET I AIIMS I JIPMER I BHU
KVPY I NTSE I OLYMPIAD I NISER I IISER
Be an Achiever
R. S. TUTORIALS
SURYALOKA LANE, CHANDI CHHAK, CUTTACK
Admission Open ! Admission Open !
A Complete Coaching for
+2 Arts & Commerce
+3 Arts (Hons, Elective, Pass)
Special Coaching for : Spoken English
And also M. A. Entrance (Pol. Science)
Contact : 9861462581, 9861816123
Arunodaya Nagar, Sector-6, CDA (CTC)
94384 09975
routclasses@gmail.com
www.routclasses.com
ROUT CLASSES
Blooming the Hidden Treasure

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ